# ଏଚ୍ ଡି ଏଫ୍ ସି ବ୍ୟାଙ୍କ
# ଡିପୋଜିଟ୍ ଆକାଉଣ୍ଟସ
# ପାଇଁ ନାଗରିକଙ୍କ ସନନ୍ଦ

ଏଚ୍ ଡି ଏଫ୍ ସି ବ୍ୟାଙ୍କ

ଆମେ ବୁଝୁ ଆପଣଙ୍କ ଦୁନିଆ

# ମୁଖବନ୍ଧ

ଋଣଦାନ ଉଦ୍ଦେଶ୍ୟରେ ଜନସାଧାରଣଙ୍କଠାରୁ ଜମା ଗ୍ରହଣ କରିବା ହେଉଛି ବ୍ୟାଙ୍କର ଏକ ଅତି ଗୁରୁତ୍ୱପୂର୍ଣ କାର୍ଯ୍ୟ । ବାସ୍ତବରେ ଜମାକାରୀମାନେ ହେଉଛନ୍ତି ବ୍ୟାଙ୍କିଂ ପ୍ରଣାଳୀର ପ୍ରମୁଖ ଷ୍ଟେକ୍‌ହୋଲ୍‌ଡର । ଜମାକାରୀ ଓ ସେମାନଙ୍କର ଜମାପ୍ରତି ଆଗ୍ରହରୁ ଭାରତରେ ବ୍ୟାଙ୍କିଂ କାର୍ଯ୍ୟ ପାଇଁ ନିୟମିତ ଭାବରେ ସୁସଂଗତ ପ୍ରମୁଖ କ୍ଷେତ୍ର ପ୍ରସ୍ତୁତ ହୋଇଛି ଏବଂ ଏହା ବ୍ୟାଙ୍କିଂ ନିୟାମକ ଆଇନ୍ 1949 ନୀତି ଅନୁଯାୟୀ ପରିଚାଳିତ ଅଟେ । ଭାରତୀୟ ରିଜର୍ଭ ବ୍ୟାଙ୍କ ଜମା ଉପରେ ସୁଧହାର ଓ ଜମା ଆକାଉଣ୍ଟର ପରିଚାଳନା ସମ୍ବନ୍ଧିତ ଅନ୍ୟାନ୍ୟ ବିଷୟଗୁଡ଼ିକ ଉପରେ ସମୟକୁ ସମୟ ନୀତି ନିର୍ଦ୍ଦେଶ/ ପରାମର୍ଶ ପ୍ରଦାନ ପାଇଁ କ୍ଷମତାପ୍ରାପ୍ତ ସଂସ୍ଥା ଅଟେ । ବିତ୍ତୀୟ ପ୍ରଣାଳୀରେ ଉଦାରୀକରଣ, ସୁଧହାର ଉପରେ ଡିରେଗୁଲେଶନ ସହିତ ବ୍ୟାଙ୍କମାନେ ବର୍ତ୍ତମାନ ଆରବିଆଇ ଦ୍ୱାରା ଜାରୀ ନିୟମାନୁସାରେ ଜମା ଉତ୍ପାଦ ସୃଷ୍ଟି କରିବା ପାଇଁ ସ୍ୱାଧୀନତା ପାଇଛନ୍ତି ।

ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଜମା ଉତ୍ପାଦ ପ୍ରଣୟନ ଲାଗି ଜମା ପାଇଁ ରହିଥିବା ନୀତି ନିୟମାବଳୀ ସମ୍ବନ୍ଧିତ ବିଷୟ ଉପରେ ଏହି ନଥିପତ୍ର ପ୍ରସ୍ତୁତ ହୋଇଥାଏ ଏବଂ ରହିଥିବା ସର୍ତ୍ତ ଓ ବ୍ୟବସ୍ଥାବଳୀ ଅନୁଯାୟୀ ଆକାଉଣ୍ଟର ପରିଚାଳନା କରାଯାଏ । ଗ୍ରାହକଙ୍କ ହିତ ଉଦ୍ଦେଶ୍ୟରେ ଏହି ନଥିପତ୍ର ଜମାକାରୀଙ୍କ ଅଧିକାରକୁ ସ୍ୱୀକୃତି ପ୍ରଦାନ କରେ ଓ ସୂଚନାକୁ ପ୍ରସାର କରିବା ଲକ୍ଷ୍ୟ ସହିତ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକାର ଜମାଗ୍ରହଣ, ବିଭିନ୍ନ ଜମା ଆକାଉଣ୍ଟର ପରିଚାଳନା ଓ କାର୍ଯ୍ୟକାରୀତା, ବିଭିନ୍ନ ଜମା ଆକାଉଣ୍ଟ ଉପରେ ସୁଧପ୍ରଦାନ, ଜମା ଆକାଉଣ୍ଟକୁ ବନ୍ଦ କରିବା, ମୃତ ଜମାକାରୀଙ୍କ ଜମାର ସମାଧାନ ପ୍ରଣାଳୀ ଇତ୍ୟାଦି ବିଷୟକ ହୋଇଥାଏ ।

ବ୍ୟକ୍ତିଗତ ଭାବରେ ଗ୍ରାହକମାନଙ୍କ ସହିତ କାରବାର କ୍ଷେତ୍ରରେ ଏହି ନଥିପତ୍ର ଉତ୍ତମ ସ୍ୱଚ୍ଛତା ପ୍ରତିପାଦନ ସାଙ୍ଗକୁ ଗ୍ରାହକମାନଙ୍କୁ ସେମାନଙ୍କ ଅଧିକାର ଉପରେ ସଚେତନତା ସୃଷ୍ଟି କରିପାରିବ । ବିକଳ୍ପ ଉଦ୍ଦେଶ୍ୟଟି ଏହା ହେଉଛି ଯେ ଗ୍ରାହକମାନେ ବିନା ଦାବୀରେ ତାଙ୍କ ଅଧିକାରମୂଳକ ସେବା ପ୍ରାପ୍ତ କରିପାରିବେ ।ଏହି ନଥିପତ୍ରଟି ହେଉଛି ଏକ ଦୃଢ଼ କାର୍ଯ୍ୟପନ୍ଥା ଯେଉଁଥିରେ ସାଧାରଣ ଜମାକାରୀଙ୍କ ଅଧିକାରକୁ ସ୍ୱୀକୃତି ପ୍ରଦାନ କରାଯାଇଛି । ବିଭିନ୍ନ ଡିପୋଜିଟ୍ ସ୍କିମ୍ ଉପରେ ରହିଥିବା ସଞ୍ଚାଳନିକ ସୁବିଧାର ସବିଶେଷ ଓ ତତ୍ ସମ୍ବନ୍ଧିତ ସେବାଗୁଡ଼ିକୁ ସମୟକୁ ସମୟକ୍ରମେ ପ୍ରଦାନ କରାଯାଇଥାଏ । ଏହି ନୀତିକୁ ପାଳନ କରି ବ୍ୟାଙ୍କ ତାର ଗ୍ରାହକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତିଶୃତିକୁ ଦୋହରାଉଛି ।

# ଡିପୋଜିଟ୍ ଆକାଉଣ୍ଟର ପ୍ରକାର

ବ୍ୟାଙ୍କ ଦ୍ୱାରା ଅଫର କରାଯାଉଥିବା ବିଭିନ୍ନ ଜମା ଉତ୍ପାଦଗୁଡ଼ିକ ଭିନ୍ନ ଭିନ୍ନ ନାମରେ ହୋଇଥାଏ । ଜମା ଉତ୍ପାଦଗୁଡ଼ିକୁ ମୁଖ୍ୟତଃ ନିମ୍ନ ପ୍ରକାରେ ଶ୍ରେଣୀବିଭକ୍ତ କରାଯାଇଛି । ପ୍ରମୁଖ ଜମା ଉତ୍ପାଦଗୁଡ଼ିକର ସଜ୍ଞା ହେଉଛି ନିମ୍ନ ପ୍ରକାରର : –

i) ''ଡିମାଣ୍ଡ ଡିପୋଜିଟ୍'' ଅର୍ଥ ହେଉଛି ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଏକ ଡିପୋଜିଟ୍ ଯାହା ଦାବୀ ଉପରେ ଉଠାଣଯୋଗ୍ୟ ହୋଇଥାଏ ।

ii) ''ସେଭିଂସ୍ ଡିପୋଜିଟ୍'' ଅର୍ଥ ହେଉଛି ଏକ ଡିମାଣ୍ଡ ଡିପୋଜିଟ୍ ସୃଷ୍ଟି ଯାହାକୁ କୌଣସି ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ବ୍ୟାଙ୍କ ଦ୍ୱାରା ଉଠାଣ ପରିମାଣ ସହିତ ଉଠାଣ ସଂଖ୍ୟା ଉପରେ କଟକଣା ବିଷୟ ନିର୍ଭର କରେ ।

iii) ''ଟର୍ମ ଡିପୋଜିଟ୍'' ଅର୍ଥ ହେଉଛି ଏକ ନିର୍ଦ୍ଧାରିତ ଅବଧିର ସମାପ୍ତ ପରେ ଧାର୍ଯ୍ୟ ପରିମାଣକୁ ଉଠାଣ ଲାଗି ବ୍ୟାଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଏକ ଜମା ଓ ଏଥିରେ ଅନ୍ତର୍ଭୁକ୍ତ ରହିଛି (ଯଥା ରେକରିଂ /ଡବଲ୍ ବେନିଫିଟ୍ ଡିପୋଜିଟ୍‌ସ/ ସର୍ଟ ଡିପୋଜିଟ୍‌ସ / ଫିକ୍ସଡ୍ ଡିପୋଜିଟ୍‌ସ/ ମଞ୍ଚଲି ଇନ୍‌କମ୍ ସାର୍ଟିଫିକେଟ୍ / କ୍ୱାର୍ଟରଲି ଇନ୍‌କମ୍ ସାର୍ଟିଫିକେଟ୍ ଇତ୍ୟାଦି ।

iv) ''ନୋଟିସ୍ ଡିପୋଜିଟ୍'' ଅର୍ଥ ଧାର୍ଯ୍ୟ ସମୟ ଅବଧି ପାଇଁ ଟର୍ମ ଡିପୋଜିଟ୍ କିନ୍ତୁ ଅତିକମ୍‌ରେ ଗୋଟିଏ ସଂପୂର୍ଣ ବ୍ୟାଙ୍କିଂ ଦିବସ ନୋଟିସ୍ ପ୍ରଦାନ କରି ଏହାକୁ ଉଠାଣ କରାଯାଇପାରିବ ।

v) ''କରେଣ୍ଟ ଆକାଉଣ୍ଟ'' ଅର୍ଥ ହେଉଛି ଡିମାଣ୍ଡ ଡିପୋଜିଟ୍ ଆକାରରେ ଯେଉଁ କ୍ଷେତ୍ରରେ ଏହା ଆକାଉଣ୍ଟରେ ରହିଥିବା ବାଲାନ୍‌ସ କିମ୍ବା ଏକ ନିର୍ଦ୍ଦିଷ୍ଟ ସମ୍ମତ ପରିମାଣ ପର୍ଯ୍ୟନ୍ତ ଉପରେ ନିର୍ଭର କରି ଯେକୌଣସି ସଂଖ୍ୟକ ଉଠାଣ ପାଇଁ ଅନୁମତି ଦିଆଯାଏ ଏବଂ ଏଥିରେ ମଧ୍ୟ ସେଭିଂସ୍ ଡିପୋଜିଟ୍ ବା ଟର୍ମ ଡିପୋଜିଟ୍ ହୋଇନଥିବା ଅନ୍ୟାନ୍ୟ ଡିପୋଜିଟ୍ ଅନ୍ତର୍ଭୁକ୍ତ ।

# ଆକାଉଣ୍ଟ ଖୋଲିବା ଏବଂ ଡିପୋଜିଟ୍ ଆକାଉଣ୍ଟର ପରିଚାଳନ ।

A) ଯେକୌଣସି ଡିପୋଜିଟ୍ ଆକାଉଣ୍ଟ ଖୋଲିବା ଆଗରୁ ବ୍ୟାଙ୍କ ଆରବିଆଇ ଦ୍ୱାରା ଜାରି ହୋଇଥିବା କିମ୍ବା ସେ ପ୍ରକାର ଅନ୍ୟ କୌଣସି ନିୟମ ବା ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ନିୟମ ମୁତାବକ ଆପଣଙ୍କ ଗ୍ରାହକଙ୍କୁ ଜାଣିବା ''ନୋ ୟୁଓର କଷ୍ଟମର'' (କେୱାଇସି) ଅଧିନରେ ଆବଶ୍ୟକ କରାଯାଇଥିବା ପ୍ରତିନିଧିତ୍ୱ କ୍ଷମତାଗୁଡ଼ିକୁ ସଂପାଦନ କରିବା । ଯଦି କୌଣସି କାରଣରୁ ଉଚ୍ଚ ସ୍ତରରେ ମଞ୍ଜୁରି ଦୃଷ୍ଟି କୋଣରୁ ଜଣେ ସମ୍ଭାବ୍ୟ ଗ୍ରାହକଙ୍କ ଲାଗି ଆକାଉଣ୍ଟ ଖୋଲିବା ପାଇଁ ନିଷ୍ପତ୍ତି ନିର୍ଭର କରୁଥାଏ ତେବେ ସେ ପ୍ରକାର ଆକାଉଣ୍ଟ ଖୋଲିବା ପାଇଁ ଦେଖା ଦେଉଥିବା ବିଳମ୍ବ ଲାଗି ଗ୍ରାହକଙ୍କୁ ସୂଚିତ କରାଯାଏ ଓ ବ୍ୟାଙ୍କର ବୃତ୍ତାନ୍ତ ନିଷ୍ପତ୍ତିକୁ ଯଥାଶୀଘ୍ର ପ୍ରଦାନ କରାଯାଏ ।

B) ଆକାଉଣ୍ଟ ଖୋଲିବା ପାଇଁ ଫର୍ମ ଓ ଅନ୍ୟାନ୍ୟ ନଥିପତ୍ର ସବୁକୁ ବ୍ୟାଙ୍କ ଦ୍ୱାରା ସମ୍ଭାବ୍ୟ ଜମାକର୍ତ୍ତାଙ୍କୁ ଯୋଗାଇ ଦିଆଯାଏ । ସେଥିରେ ଗ୍ରାହକଙ୍କ ସବିଶେଷ ବିବରଣୀ ରହେ ଏବଂ ପ୍ରଦାନ କରାଯାଇଥିବା ସେହିସବୁ ନଥିପତ୍ରଗୁଡ଼ିକୁ ବ୍ୟାଙ୍କ ଦ୍ୱାରା ଯାଞ୍ଚ କରାଯାଏ ଏବଂ / କିମ୍ବା ରେକର୍ଡ଼ ପାଇଁ ରଖାଯାଏ । ଏହା ସହିତ ଏକ ଡିପୋଜିଟ୍ ଆକାଉଣ୍ଟ ଖୋଲିବା ପାଇଁ ସମ୍ଭାବ୍ୟ ଜମାକର୍ତ୍ତା ବ୍ୟାଙ୍କକୁ ଆସିବା ସମୟରେ ବ୍ୟାଙ୍କର ଅଧିକାରୀମାନେ ଆବଶ୍ୟକୀୟ ନୀତି ଓ ନିୟମାବଳୀଗୁଡ଼ିକୁ ବୁଝାଇବା ସହିତ ଗ୍ରାହକଙ୍କ ମନରେ ଥିବା ସମସ୍ତ ପ୍ରକାର ସଂଶୟକୁ ଦୂର କରିବା ଆବଶ୍ୟକ ।

C) ଡିପୋଜିଟ୍ ଆକାଉଣ୍ଟ ଯଥା ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟ ଓ କରେଣ୍ଟ ଡିପୋଜିଟ୍ ଏକାଉଣ୍ଟ ପାଇଁ ବ୍ୟାଙ୍କ ସେ ପ୍ରକାର ଆକାଉଣ୍ଟର ସଂଚାଳନ ପାଇଁ ଉଦ୍ଦିଷ୍ଟ ଥିବା ନୀତି ନିୟମ ଅଂଶସ୍ୱରୂପ ନିର୍ଦ୍ଦିଷ୍ଟ ସର୍ବନିମ୍ନ /ହାରାହାରି ବାଲାନ୍ସ ଧାର୍ଯ୍ୟ କରିଥାଏ । ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ / ହାରାହାରି ବାଲାନ୍ସ ନରଖିପାରିଲେ ବ୍ୟାଙ୍କ ଦ୍ୱାରା ସମୟକୁ ସମୟ ଲାଗୁ ହେଉଥିବା ଧାର୍ଯ୍ୟ ଜୋରିମାନା ଶୁଳ୍କ ଲାଗୁ ହୋଇଥାଏ । ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟ ପାଇଁ ବ୍ୟାଙ୍କ ମଧ୍ୟ ଦିଆଯାଇଥିବା ସମୟ ମଧ୍ୟରେ ସଞ୍ଚାଳନର ସଂଖ୍ୟା, ଟଙ୍କା ଉଠାଣ ଉପରେ କଟକଣା ଜାରି କରିଥାଏ । ଅନୁରୂପ ଭାବରେ ବ୍ୟାଙ୍କ ମଧ୍ୟ ଚେକ୍ ବୁକ୍ ଜାରୀ, ଆକାଉଣ୍ଟର ଅତିରିକ୍ତ ଷ୍ଟେଟ୍‌ମେଣ୍ଟ, ଡୁପ୍ଲିକେଟ୍ ପାସ୍‌ବୁକ୍, ଫୋଲିଓ ଚାର୍ଜ ଇତ୍ୟାଦି ଜାରି କରିବା ବାବଦକୁ ନିର୍ଦ୍ଦିଷ୍ଟ ଚାର୍ଜ ଦାବୀ କରିଥାଏ । ଆକାଉଣ୍ଟର ପରିଚାଳନା ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ବନ୍ଧିତ ଏ ପ୍ରକାର ସମସ୍ତ ବିଷୟ ଓ ବିଭିନ୍ନ ସେବା ଉପଲବ୍ଧତା ପାଇଁ ପ୍ରଯୁଜ୍ୟ ଶୁଳ୍କ ସୂଚୀ ସମ୍ଭାବ୍ୟ ଗ୍ରାହକଙ୍କୁ ତାଙ୍କର ଆକାଉଣ୍ଟ ଖୋଲୁଥିବା ସମୟରେ ଜଣାଇ ଦିଆଯାଏ ।

D) ଯୋଗ୍ୟ ବ୍ୟକ୍ତି ବିଶେଷ/ବ୍ୟକ୍ତି ଏବଂ ନିର୍ଦ୍ଦିଷ୍ଟ ସଂସ୍ଥା /ଏଜେନ୍‌ସି (ସମୟକୁ ସମୟ କ୍ରମେ ଆରବିଆଇ ଦ୍ୱାରା ନିର୍ଦ୍ଦେଶିତ ପ୍ରକାରେ) ଙ୍କ ପାଇଁ ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇପାରିବ । ଏହିସବୁ ଆକାଉଣ୍ଟଗୁଡ଼ିକ ବ୍ୟକ୍ତି ବିଶେଷଙ୍କୁ (ବ୍ୟକ୍ତିଗତ ଗ୍ରାହକ) ସେମାନଙ୍କ ଅର୍ଥ ସଂଚୟ ଓ ଭବିଷ୍ୟତର ଆବଶ୍ୟକତା ପରିପୂରଣ ପାଇଁ ସାହାଯ୍ୟ କରିବ । ଚେକ୍ /ଏଟିଏମ୍ ମାଧ୍ୟମରେ ଏହି ସବୁ ଆକାଉଣ୍ଟରେ ଅର୍ଥ ଜମା କରାଯାଏ ଏବଂ ଉଠାଣ କରାଯାଇପାରେ ।

ବ୍ୟକ୍ତିବିଶେଷ /ଅଂଶୀଦାର ଫାର୍ମ/ ଘରୋଇ ଏବଂ ପବ୍ଲିକ୍ ଲିମିଟେଡ୍ କମ୍ପାନୀ/ ଏଚ୍‌ୟୁଏଫ୍/ ଧାର୍ଯ୍ୟ ଆସୋସିଏଟ୍‌ସ /ସୋସାଇଟି/ ଟ୍ରଷ୍ଟ ଇତ୍ୟାଦିଙ୍କ ଦ୍ୱାରା କରେଣ୍ଟ ଆକାଉଣ୍ଟ ଖୋଲାଯାଇପାରେ ।

ବ୍ୟକ୍ତିବିଶେଷ /ଅଂଶୀଦାର ଫାର୍ମ/ ଘରୋଇ ଏବଂ ପବ୍ଲିକ୍ ଲିମିଟେଡ୍ କମ୍ପାନୀ/ ଏଚ୍‌ୟୁଏଫ୍/ ଧାର୍ଯ୍ୟ ଆସୋସିଏଟ୍‌ସ /ସୋସାଇଟି/ ଟ୍ରଷ୍ଟ ଇତ୍ୟାଦିଙ୍କ ଦ୍ୱାରା ଟର୍ମ ଡିପୋଜିଟ୍ ଆକାଉଣ୍ଟ ଖୋଲାଯାଇପାରେ । ଲୋକମାନଙ୍କୁ ସେମାନଙ୍କ ଜୀବନର ପ୍ରତିଟି କ୍ଷେତ୍ରରେ ସେମାନଙ୍କର ଆବଶ୍ୟକତା ପୂରଣ ଓ ନିବେଶ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଡିପୋଜିଟ୍ ସ୍କିମ୍ ପ୍ରଚଳନ କରିଛି ।

E) ପ୍ରକ୍ରିୟାକୁ ସ୍ୱୀକୃତି ପ୍ରଦାନ ଲାଗି ଏକ ଡିପୋଜିଟ୍ ଆକାଉଣ୍ଟ ଖୋଲିବା ସମୟରେ ସେହି ବ୍ୟକ୍ତିଙ୍କର ପରିଚୟ ଉପରେ ସନ୍ତୋଷତା ପ୍ରକଟ ଲାଗି ତାଙ୍କର ଠିକଣାକୁ ଯାଞ୍ଚ କରିବା, ତାଙ୍କର ବୃତ୍ତି/ ତାଙ୍କ ପେଷା ସମ୍ପର୍କରେ ସଠିକ୍ ଭାବରେ ଜାଣିବା ଏବଂ ଆୟ ଉତ୍ସ ସମ୍ପର୍କରେ ବ୍ୟାଙ୍କ ତଥ୍ୟ ସଂଗ୍ରହ କରିଥାଏ । ସମ୍ଭାବ୍ୟ ଗ୍ରାହକଙ୍କଠାରୁ ଏହି ସବୁ ପ୍ରାପ୍ତ ପ୍ରାରମ୍ଭିକ ସୂଚନା ଗୁଡ଼ିକ ବ୍ୟାଙ୍କ ଦ୍ୱାରା ଗ୍ରହଣୀୟ ହେବା ଦରକାର ଏବଂ ଆକାଉଣ୍ଟ ଖୋଲିବା/ ପରିଚାଳନା କାର୍ଯ୍ୟକାରୀ ଲାଗି ଏଥି ସମ୍ବନ୍ଧିତ ପ୍ରକ୍ରିୟାକୁ ସ୍ୱୀକୃତି ଲାଗି ସମ୍ଭାବ୍ୟ ଜମାକର୍ତ୍ତାଙ୍କ ସାଂପ୍ରତିକ ଫଟୋ ରଖିଥାଏ ।

F) ଏହି କେୱାଇସି ନିୟମ ଅଧିନରେ ଆବେଦନ ପାଇଁ ଆବଶ୍ୟକତା କରାଯାଉଥିବା ନଥିପତ୍ର ବ୍ୟତୀତ ବ୍ୟାଙ୍କ ମଧ୍ୟ ନିୟମ ଅନୁଯାୟୀ ପର୍‌ମାନେଣ୍ଟ୍ ଆକାଉଣ୍ଟ ନମ୍ବର (PAN) କିମ୍ବା ଜେନେରାଲ୍ ଇଣ୍ଡେକ୍ସ ରେଜିଷ୍ଟର (ଜିଆଇଆର) ନମ୍ବର କିମ୍ବା ବିକଳ୍ପ ଭାବରେ ଆୟକର ଆଇନ /ନିୟମ ଅଧିନରେ ଥିବା ଫର୍ମ ନମ୍ବର 60 କିମ୍ବା 61ର କରିଥିବା ଘୋଷଣା ନାମା ଆବଶ୍ୟକ କରିପାରେ ।

G) ଡିପୋଜିଟ୍ ଆକାଉଣ୍ଟ୍‌ସକୁ ମଧ୍ୟ ଜଣେ ବ୍ୟକ୍ତି ବିଶେଷ ତାଙ୍କର ନିଜର ନାମ (ସ୍ଥିତି : ଏକକ ଆକାଉଣ୍ଟଧାରୀ ରୂପେ) କିମ୍ବା ଏକାଧିକ ବ୍ୟକ୍ତି ବିଶେଷଙ୍କ ପାଇଁ ତାଙ୍କ ନାମରେ (ସ୍ଥିତି : ଜଏଣ୍ଟ ଆକାଉଣ୍ଟ ରୂପେ କୁହାଯାଏ) ଖାତା ଖୋଲି ପାରନ୍ତି । ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଜଣେ ନାବାଳକଙ୍କ ଦ୍ୱାରା ପ୍ରକୃତ ଅଭିଭାବକଙ୍କ କିମ୍ବା ଗାର୍ଡ଼ିଆନ୍ ରୂପେ ମାତା (ସ୍ଥିତି : ମାଇନର ଆକାଉଣ୍ଟ ରୂପେ କୁହାଯାଏ) ସହିତ ଖୋଲାଯାଇପାରେ । 12 ବର୍ଷ ବୟସରୁ ଉର୍ଦ୍ଧ୍ୱ ନାବାଳକମାନଙ୍କୁ ଏହି ଖାତା ଖୋଲିବା ପାଇଁ ଅନୁମତି ଦିଆଯାଏ ଏବଂ ସେମାନେ ସ୍ୱାଧୀନ ଭାବରେ ନିଜର ସେଭିଂ ବ୍ୟାଙ୍କ ଆକାଉଣ୍ଟକୁ ସଂଚାଳନ କରିପାରନ୍ତି ।

H) ଜଏଣ୍ଟ ଆକାଉଣ୍ଟର ପରିଚାଳନା : ଏକାଧିକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହି ଜଏଣ୍ଟ ଆକାଉଣ୍ଟକୁ ଖୋଲାଯାଇପାରେ । ତାହାକୁ ଜଣେ ବ୍ୟକ୍ତି କିମ୍ବା ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ଯୁଗ୍ମ ଭାବରେ ପରିଚାଳନା କରାଯାଇପାରେ । ପରିଚାଳନା କରାଯାଉଥିବା ଏହି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ସମସ୍ତ ଆକାଉଣ୍ଟଧାରୀ ସହମତି କ୍ରମେ ପରିବର୍ତ୍ତିତ କରାଯାଇପାରେ । ପ୍ରକୃତ ଅଭିଭାବକ / ଅଭିଭାବକଙ୍କ ସହିତ ଯୁଗ୍ମ ଭାବରେ ନାବାଳକଙ୍କ ଦ୍ୱାରା ଖୋଲାଯାଇଥିବା ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟକୁ କେବଳ ପ୍ରକୃତ ଅଭିଭାବକଙ୍କ ଦ୍ୱାରା ପରିଚାଳନା କରାଯାଇଥାଏ ।

I) ଯୁଗ୍ମ ଆକାଉଣ୍ଟଧାରୀମାନେ ଉପରୋକ୍ତ ଆକାଉଣ୍ଟଗୁଡ଼ିକରେ ଥିବା ବାଲାନ୍ସକୁ ଉଠାଣ ନିମନ୍ତେ ନିମ୍ନ ପ୍ରକାର ଅଧିକାର ପ୍ରଦାନ କରିପାରିବେ :

i) ଦୁଇଜଣଙ୍କ ମଧ୍ୟରୁ ଜଣେ : ଯଦି ଦୁଇଜଣ ବ୍ୟକ୍ତି ଏ ଓ ବି ନାମରେ ଆକାଉଣ୍ଟ ରହିଥାଏ ତେବେ ଚୂଡ଼ାନ୍ତ ବାଲାନ୍ସ ସହିତ ସୁଧ ଯଦି ଥାଏ ତେବେ ଯେକୌଣସି ଆକାଉଣ୍ଟଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ ଅନ୍ୟ ଜଣେ ଜୀବିତ ଥିବା ବ୍ୟକ୍ତିଙ୍କୁ ତାହା ପ୍ରଦାନ କରାଯିବ ।

ii) ଜୀବିତ ବ୍ୟକ୍ତି ବା ଜୀବିତବ୍ୟକ୍ତିଙ୍କ ମଧ୍ୟରୁ ଯେ କେହି : ଯଦି ଦୁଇଜଣରୁ ଅଧିକ ବ୍ୟକ୍ତି ଯଥା ଏ, ବି ଓ ସିଙ୍କ ନାମରେ ଆକାଉଣ୍ଟ ରହିଥାଏ ତେବେ ଚୂଡ଼ାନ୍ତ ବାଲାନ୍ସ ସହିତ ସୁଧ ଯଦି ଥାଏ ତେବେ ଯେକୌଣସି ଦୁଇଜଣ ଆକାଉଣ୍ଟଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ ଜୀବିତଥିବା ବ୍ୟକ୍ତିଙ୍କୁ ତାହା ପ୍ରଦାନ କରାଯିବ ।

ଟର୍ମ ଡିପୋଜିଟ୍‌ର ପରିପକ୍ୱତା ତାରିଖ ପରେ ଉପରୋକ୍ତ ଅଧିକାର୍ଯ୍ୟଟି କାର୍ଯ୍ୟକ୍ଷମ ହେବ ବା ପ୍ରଯୁଜ୍ୟ ହେବ । ଏହି ଅଧିକାରକୁ ସମସ୍ତ ଆକାଉଣ୍ଟଧାରୀଙ୍କ ସହମତିକ୍ରମେ ପରିବର୍ତ୍ତନ କରାଯାଇପାରିବ ।

J) ଜମାକାରୀଙ୍କ ଅନୁରୋଧକ୍ରମେ ବ୍ୟାଙ୍କ ଅଧିକାରକୁ ପଞ୍ଜୀକୃତ କରିବେ / ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ଅଧିକାର ଯାହାଙ୍କ ଦ୍ୱାରା ତାଙ୍କର ଆକାଉଣ୍ଟଟି ତାଙ୍କ ପକ୍ଷରୁ ପରିଚାଳନା କରାଯିବ ।

K) ଟର୍ମ ଡିପୋଜିଟ୍ ଆକାଉଣ୍ଟଧାରୀମାନେ ସେମାନଙ୍କର ଡିପୋଜିଟ୍ ରଖିବା ସମୟରେ ସେହି ଡିପୋଜିଟ୍‌ର ସମାପନ ସମ୍ବନ୍ଧିତ ସୂଚନା କିମ୍ବା ପରିପକ୍ୱତା ତାରିଖରେ ପରବର୍ତ୍ତୀ ଅବଧି ପାଇଁ ଡିପୋଜିଟ୍‌ର ନବୀକରଣ ସମ୍ପର୍କରେ ସୂଚନା ଦେଇପାରିବେ । ଟର୍ମ ଡିପୋଜିଟ୍‌ର ଡିସ୍‌ପୋଜାଲ୍ ସମ୍ବନ୍ଧରେ କୌଣସି ଲିଖିତ ସୂଚନା ନଥିଲେ ବ୍ୟାଙ୍କ ତାର ନିଜସ୍ୱ ସଂରକ୍ଷିତ ଅଧିକାର ବଳରେ ସେହି ଡିପୋଜିଟ୍‌କୁ ପ୍ରଚଳିତ ସୁଧ ହାରରେ ସଂଗୃହିତ ସୁଧ ସହିତ ସେହିପରି ଜମା ମିଆଦ ଅନୁଯାୟୀ ନବୀକୃତ କରାଇବ ।

L) ସେଭିଂସ୍ ବ୍ୟାଙ୍କ ସହିତ କରେଣ୍ଟ ଡିପୋଜିଟ୍ ଆକାଉଣ୍ଟଧାରୀମାନଙ୍କ ପାଇଁ ବ୍ୟାଙ୍କ ଦ୍ୱାରା ଖାତା ଖୋଲିବାର ସର୍ତ୍ତ ଓ ବ୍ୟବସ୍ଥାବଳୀ ଅନୁଯାୟୀ ସାମୟିକ ଭାବରେ ଏକ ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ପ୍ରଦାନ କରାଯିବ । ସମସ୍ତ ସେଭିଂସ୍ ଆକାଉଣ୍ଟଧାରୀମାନଙ୍କ ପାଇଁ ନିଃଶୁଳ୍କରେ ପାସ୍‌ବୁକ୍ ସୁବିଧା ମିଳିପାରିବ ।

M) ଡିପୋଜିଟ୍ ଆକାଉଣ୍ଟକୁ ଜମାକାରୀଙ୍କ ଅନୁରୋଧ କ୍ରମେ ବ୍ୟାଙ୍କର ଅନ୍ୟ ଯେକୌଣସି ଶାଖାକୁ ପରିବର୍ତ୍ତନ କରାଯାଇପାରେ ।

## ନାମାଙ୍କନ ସୁବିଧା :

ବ୍ୟାଙ୍କ ତାର ଗ୍ରାହକମାନଙ୍କ ପାଇଁ ଡିପୋଜିଟ୍ ଆକାଉଣ୍ଟ, ସେଫ୍ ଡିପୋଜିଟ୍ ଲକର, ଆର୍ଟିକିଲ୍‌ସ ଇନ୍ ସେଫ୍ କଷ୍ଟୋଡି ଇତ୍ୟାଦି ଲାଗି ନାମାଙ୍କନ ସୁବିଧା ପ୍ରଦାନ କରିଥାଏ । ସମସ୍ତ ବ୍ୟକ୍ତିବିଶେଷଧାରୀଙ୍କ ଜମା ଉପରେ ନାମାଙ୍କନ ସୁବିଧା ଉପଲବ୍ଧ । ଏହି ନାମାଙ୍କନ ସୁବିଧାକୁ ଜଣେ ବ୍ୟକ୍ତିବିଶେଷଙ୍କ ସପକ୍ଷରେ କେବଳ କରାଯାଇପାରିବ । ଏହି ନାମାଙ୍କନକୁ ଆକାଉଣ୍ଟଧାରୀଙ୍କ ଦ୍ୱାରା ଯେକୌଣସି ସମୟରେ ଖାରଜ କରାଯାଇପାରିବ କିମ୍ବା ପରିବର୍ତ୍ତନ କରାଯାଇପାରିବ । ଗ୍ରାହକଙ୍କ ଦ୍ୱାରା ଏ ପ୍ରକାର ନାମାଙ୍କନ ଖାରଜ କିମ୍ବା ପରିବର୍ତ୍ତନ କରାଯାଉଥିବା ସମୟରେ ଗ୍ରାହକଙ୍କୁ ନିଜର ବୃଦ୍ଧାଙ୍ଗୁଷ୍ଠି ଛାପ ଦେବାକୁ ହେବ ଏବଂ ତାହାକୁ ଦୁଇଜଣ ସାକ୍ଷୀ ସ୍ୱୀକୃତି ପ୍ରଦାନ କରିବା ଆବଶ୍ୟକ । ଆକାଉଣ୍ଟଧାରୀ / ମାନଙ୍କ ସହମତିକ୍ରମେ ନାମାଙ୍କନକୁ ପରିବର୍ତ୍ତନ କରାଯାଇପାରେ । ମାଇନରିଟି ପିରିୟଡ୍ ଆପୋଏଣ୍ଟି (ଏସ୍) ସମୟରେ ପ୍ରମୁଖ ବ୍ୟକ୍ତିବିଶେଷଧାରୀଙ୍କ ନାମ ଉପରେ ଭିତ୍ତି କରି ମଧ୍ୟ ଜଣେ ନାବାଳକଙ୍କୁ ରଖାଯାଇପାରେ ।

ସମସ୍ତ ଜମାକାରୀମାନେ ନାମାଙ୍କନ ସୁବିଧା ପ୍ରାପ୍ତ କରିବା ପାଇଁ ବ୍ୟାଙ୍କ ଅନୁମୋଦନ ପ୍ରଦାନ କରିଥାଏ । ଜମାକର୍ତ୍ତା/ମାନଙ୍କର ମୃତ୍ୟୁ କ୍ଷେତ୍ରରେ ନାମାଙ୍କନ ପ୍ରାପ୍ତ ବ୍ୟକ୍ତି ପ୍ରକୃତ ଉତ୍ତରାଧିକାରୀଙ୍କ ଟ୍ରଷ୍ଟି ରୂପେ ଆକାଉଣ୍ଟରେ ରହିଥିବା ବାଲାନ୍ସ ଆଉଟ୍‌ଷ୍ଟାଣ୍ଡିଂ ପ୍ରାପ୍ତ କରିବେ । ଏକ ଡିପୋଜିଟ୍ ଆକାଉଣ୍ଟ ଖୋଲାଯାଉଥିବା ସମୟରେ ଜମାକାରୀଙ୍କୁ ନାମାଙ୍କନ କ୍ଷେତ୍ରରେ ରହିଥିବା ସୁବିଧାଗୁଡ଼ିକ ବିଷୟରେ ସୂଚିତ କରାଯିବ ।

## ସୁଧ ପ୍ରଦାନ

i) ଭାରତୀୟ ରିଜର୍ଭ ବ୍ୟାଙ୍କର ଏସ୍‌ବି ସୁଧ ହାର ଡିରେଗୁଲେଶନ ଉପରେ ଥିବା ପ୍ରଚଳିତ ନିର୍ଦ୍ଦେଶ ଭିତ୍ତିରେ ସମୟକୁ ସମୟ କ୍ରମେ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ହାରରେ ସେଭିଂସ୍ ଆକାଉଣ୍ଟ ଉପରେ ସୁଧ ପ୍ରଦାନ କରାଯିବ । ଏହି ସୁଧଗୁଡ଼ିକ ଅର୍ଦ୍ଧବାର୍ଷିକ ହାରରେ ଦୈନନ୍ଦିନ ଉତ୍ପାଦ ଭିତ୍ତିରେ ପ୍ରଦାନ କରାଯାଇଥାଏ ଯାହା 1 ଏପ୍ରିଲ୍ 2010 ଠାରୁ ଲାଗୁ ହୋଇଛି ।

ii) ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ପ୍ରକାରେ ସୁଧକୁ ଟର୍ମ ଡିପୋଜିଟ୍ ଉପରେ ତ୍ରୟମାସିକ ବ୍ୟବଧାନରେ ଗଣନା କରାଯାଏ ଏବଂ ତାହା ଡିପୋଜିଟ୍‌ର ଅବଧି ଉପରେ ନିର୍ଭର କରି ବ୍ୟାଙ୍କ ଦ୍ୱାରା ସେହି ହାର ଉପରେ ନିଷ୍ପତ୍ତି ନିଆଯାଏ । ମାସିକ ଡିପୋଜିଟ୍ ସ୍କିମ୍ କ୍ଷେତ୍ରରେ ଏହି ସୁଧହାର ତ୍ରୟମାସିକ ଆକାରରେ ଗଣନା କରାଯାଏ ଏବଂ ରିହାତି ମୂଲ୍ୟରେ ମାସିକ ପ୍ରଦାନ କରାଯାଏ । ଭାରତୀୟ ବ୍ୟାଙ୍କ ସଂଘର ସୂତ୍ର ଏବଂ ନିୟମାବଳୀ ଅନୁଯାୟୀ ପରାମର୍ଶ ଦିଆଯାଇଥିବା ମତେ ବ୍ୟାଙ୍କ ଦ୍ୱାରା ଟର୍ମ ଡିପୋଜିଟ୍ ଉପରେ ସୁଧକୁ ଗଣନା କରାଯାଏ ।

iii) ଜମା ଉପରେ ପ୍ରଦାନ କରାଯାଉଥିବା ସୁଧହାରକୁ ବ୍ୟାଙ୍କ ପରିସର ମଧ୍ୟରେ ଏକ ସୁସ୍ପଷ୍ଟ ଭାବରେ ପ୍ରଦର୍ଶନ କରାଯାଇଥାଏ । ଡିପୋଜିଟ୍ ସ୍କିମ୍ ଓ ଅନ୍ୟାନ୍ୟ ସଂପୃକ୍ତ ସେବାଗୁଡ଼ିକ ଉପରେ ଯଦି କିଛି ପରିବର୍ତ୍ତନ କରାଯାଇଥାଏ ତେବେ ତାହାକୁ ଆଗୁଆ ଭାବରେ ତଥା ସୁସ୍ପଷ୍ଟ ଭାବରେ ପ୍ରଦର୍ଶିତ କରାଯାଏ ।

iv) ଗୋଟିଏ ବର୍ଷରେ ପ୍ରକୃତ ଦିନର ସଂଖ୍ୟା ଉପରେ ଭିତ୍ତି କରି ବ୍ୟାଙ୍କ ସୁଧଗଣନା କରିଥାଏ । ଯଦି ଜମାର ଅବଧି ଗୋଟିଏ ଅଧିବର୍ଷ ଏବଂ ଏକ ଅଣ ଅଧିବର୍ଷ ପାଇଁ ହୋଇଥାଏ ସେ କ୍ଷେତ୍ରରେ ଦିନଗୁଡ଼ିକର ସଂଖ୍ୟା ଯଥା ଗୋଟିଏ ଅଧିବର୍ଷ ପାଇଁ 366 ଦିନ ଓ ଅଣ–ଅଧିବର୍ଷ ପାଇଁ ଦିନଗୁଡ଼ିକର ସଂଖ୍ୟା 365 ଦିନ ଭିତ୍ତିରେ ଗଣନା କରାଯାଏ ।

v) ଆୟକର ଆଇନ୍ ଅଧିନରେ ସମସ୍ତ ଟର୍ମ ଡିପୋଜିଟ୍‌ଗୁଡ଼ିକ ଉପରେ ପ୍ରଦାନ କରାଯାଉଥିବା / ପାଇବାକୁ ଥିବା ମୋଟ୍ ସୁଧ ଧାର୍ଯ୍ୟ ହୋଇଥିବା ପରିମାଣଠାରୁ ଅଧିକ ହୋଇଥିଲେ ବ୍ୟାଙ୍କ ତାହା ଉପରୁ ଟିକସ କାଟ କରିବା ପାଇଁ ବ୍ୟାଙ୍କ୍‌ର ସାମ୍ବିଧାନିକ ଦାୟୀତ ରହିଥାଏ । କେତେ ପରିମାଣର ଟିକସ କାଟ କରାଯାଇଛି ସେ ବିଷୟରେ ବ୍ୟାଙ୍କ ଏକ ଟ୍ୟାକ୍ସ ଡିଡକ୍‌ସନ ସାର୍ଟିଫିକେଟ୍ (ଟିଡିଏସ୍ ସାର୍ଟିଫିକେଟ୍) ଜାରି କରିବ । ଯଦି ଜମାକାରୀ ଟିଡିଏସ୍ ଛାଡ଼ ପାଇଁ ହକ୍‌ଦାର ଥାନ୍ତି ତେବେ ସେମାନେ ପ୍ରତ୍ୟେକ ଆର୍ଥିକ ବର୍ଷ ପ୍ରାରମ୍ଭରେ ଧାର୍ଯ୍ୟ ହୋଇଥିବା ଫର୍ମାଟ୍‌ରେ ଏକ ଘୋଷଣାନାମା ଦାଖଲ କରିବା ଆବଶ୍ୟକ ।

## ନାବାଳକଙ୍କ ଆକାଉଣ୍ଟ

i) ନାବାଳକମାନଙ୍କର ବୟସ ଯଦି 12 ବର୍ଷ ବୟସରୁ ଅଧିକ ହୋଇଥାଏ ତେବେ ସେ କ୍ଷେତ୍ରରେ ସେମାନେ ଗୋଟିଏ ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟ ଖୋଲି ପାରିବେ ଏବଂ ତାହାକୁ ତାଙ୍କର ପ୍ରକୃତ ଅଭିଭାବକ କିମ୍ବା ନାବାଳକଙ୍କ ପକ୍ଷରୁ / ତାଙ୍କ ଦ୍ୱାରା ପରିଚାଳିତ କରିପାରିବେ । ଏହି ଆକାଉଣ୍ଟକୁ ମଧ୍ୟ ଯୁଗ୍ମ ଭାବରେ ଖୋଲାଯାଇପାରେ ।

ii) ସାବାଳକ ହୋଇଯିବା ପରେ ପୂର୍ବକାଳୀନ ନାବାଳକ ତାଙ୍କର ଆକାଉଣ୍ଟରେ ଥିବା ବାଲାନ୍‌ସକୁ ସୁନିଶ୍ଚିତ କରିବା ଦରକାର ଏବଂ ଯଦି ଆକାଉଣ୍ଟ ପ୍ରକୃତ ଅଭିଭାବକ / ଅଭିଭାବକଙ୍କ ଦ୍ୱାରା ପରିଚାଳିତ କରାଯାଉଥାଏ ତେବେ ପୂର୍ବକାଳୀନ ନାବାଳକଙ୍କଠାରୁ ସଦ୍ୟ ସ୍ୱେଶିମେନ୍ ଦସ୍ତଖତ ରଖାଯାଇ ତାଙ୍କର ପ୍ରକୃତ ଅଭିଭାବକଙ୍କୁ ଯାଞ୍ଚ କରାଯାଇ ତାହାକୁ ରଖାଯାଏ ଏବଂ ସମସ୍ତ କାର୍ଯ୍ୟ ପାଇଁ ତାହାକୁ ରେକର୍ଡ଼ଭୁକ୍ତ କରାଯାଏ ।

## ନିରକ୍ଷର /ଅନ୍ଧ ବ୍ୟକ୍ତିଙ୍କର ଆକାଉଣ୍ଟ

ନିରକ୍ଷର ବ୍ୟକ୍ତିଙ୍କ ପାଇଁ ବ୍ୟାଙ୍କ ତାର ନିଜସ୍ୱ ନିଷ୍ପତ୍ତି କ୍ରମେ କରେଣ୍ଟ ଆକାଉଣ୍ଟକୁ ଛାଡ଼ି ଡିପୋଜିଟ୍ ଆକାଉଣ୍ଟ ଖୋଲିବା ପାଇଁ ଅନୁମତି ଦେଇପାରେ । ସେହିଭଳି ବ୍ୟକ୍ତିଙ୍କର ଆକାଉଣ୍ଟ ଖୋଲିବା କ୍ଷେତ୍ରରେ ସେହି ବ୍ୟକ୍ତିଜଣକ ବ୍ୟାଙ୍କକୁ ବ୍ୟକ୍ତିଗତ ଭାବରେ ଅନୁରୋଧ ସହିତ ବ୍ୟାଙ୍କ ଏବଂ ଜମାକାରୀଙ୍କୁ ଜାଣିଥିବା ସାକ୍ଷୀଙ୍କ ଅନୁମୋଦନକ୍ରମେ ଖୋଲାଯାଇଥାଏ । ଏ ପ୍ରକାର ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟ ପାଇଁ ସାଧାରଣତଃ କୌଣସି ଚେକ୍‌ବୁକ୍ ସୁବିଧା ପ୍ରଦାନ କରାଯାଇନଥାଏ । ଡିପୋଜିଟ୍ ପରିମାଣ ଏବଂ/କିମ୍ବା ସୁଧ ଉଠାଣ /ପରିଶୋଧ ସମୟରେ ଆକାଉଣ୍ଟଧାରୀ ଭାରପ୍ରାପ୍ତ ଅଧିକାରୀ ଯିଏକି ତାଙ୍କର ପରିଚୟକୁ ଯାଞ୍ଚ କରିଥାନ୍ତି ତାଙ୍କର ଉପସ୍ଥିତିରେ ବୃଦ୍ଧାଙ୍ଗୁଳି ଛାପ କିମ୍ବା ଚିହ୍ନ ପ୍ରଦାନ କରିବା ଆବଶ୍ୟକ । ଆକାଉଣ୍ଟଧାରୀଙ୍କୁ ଦିଆଯାଇଥିବା ପାସ୍‌ବୁକ୍‌କୁ ଉପଯୁକ୍ତ ଭାବରେ ଯତ୍ନ ନେଇ ତାହାକୁ ସୁରକ୍ଷିତ ଭାବରେ ରଖିବା ଲାଗି ବ୍ୟାଙ୍କ ଜମାକାରୀଙ୍କୁ ବୁଝାଇବ । ଅନ୍ଧ ବ୍ୟକ୍ତି ଯେଉଁମାନେ ସାକ୍ଷର ଅଛନ୍ତି ସେମାନଙ୍କ କ୍ଷେତ୍ରରେ ଏଟିଏମ୍/ ଡେବିଟ୍ କାର୍ଡ଼, ଚେକ୍‌ବୁକ୍ ଇତ୍ୟାଦି ସୁବିଧା ପ୍ରଦାନ କରାଯାଏ । ଏହି ଆକାଉଣ୍ଟର ପରିଚାଳନା ସମ୍ବନ୍ଧିତ ସର୍ତ୍ତ ଓ ବ୍ୟବସ୍ଥାବଳୀଗୁଡ଼ିକ ସମ୍ବନ୍ଧରେ ବ୍ୟାଙ୍କର ଅଧିକାରୀମାନେ ସେହି ବ୍ୟକ୍ତିଙ୍କୁ ବୁଝାଇଥାନ୍ତି ।

## ଜଏଣ୍ଟ ଆକାଉଣ୍ଟଧାରୀଙ୍କର ନାମ /ସମୂହକୁ ଉଚ୍ଛେଦ ବା ସଂଯୋଗୀକରଣ

ବ୍ୟାଙ୍କକୁ ଅନୁରୋଧକ୍ରମେ ଜଏଣ୍ଟ ଆକାଉଣ୍ଟଧାରୀ/ସମୂହ ପରିସ୍ଥିତି ଅନୁଯାୟୀ ସେମାନଙ୍କ ଆକାଉଣ୍ଟରେ କୌଣସି ନାମକୁ ଯୋଗ କରିପାରିବେ ବା ବାଦ୍ ଦେଇପାରିବେ ଏବଂ ଜଏଣ୍ଟ ଆକାଉଣ୍ଟଧାରୀ ଭାବରେ ଅନ୍ୟଜଣକନାମକୁ ମଧ୍ୟ ଯୋଗ କରିପାରିବେ ।

## ଗ୍ରାହକ ସୂଚନା

ଗ୍ରାହକଙ୍କଠାରୁ ସଂଗୃହୀତ ହୋଇଥିବା ଗ୍ରାହକ ସୂଚନାକୁ ବ୍ୟାଙ୍କ, ତାହାର ସହାୟକ ଏବଂ ସହବନ୍ଧିତ ସଂସ୍ଥା ଦ୍ୱାରା ସେବା କିମ୍ବା ଉତ୍ପାଦର କ୍ରସ୍ ସେଲିଂ ପାଇଁ ବ୍ୟବହାର କରାଯାଇପାରିବ ନାହିଁ । ଯଦି ବ୍ୟାଙ୍କ ସେ ପ୍ରକାର ସୂଚନାର ବ୍ୟବହାର ପାଇଁ ପ୍ରସ୍ତାବ ରଖେ ତେବେ ତାହା ଆକାଉଣ୍ଟଧାରୀଙ୍କ ସହମତିକ୍ରମେ ହେବା ଆବଶ୍ୟକ ।

## ଗ୍ରାହକଙ୍କ ଆକାଉଣ୍ଟର ଗୋପନୀୟତା

ଗ୍ରାହକଙ୍କ ବିନା ଅନୁମତିରେ ବ୍ୟାଙ୍କ ଅନ୍ୟ କୌଣସି ଜଣେ ତୃତୀୟ ବ୍ୟକ୍ତି କିମ୍ବା ପକ୍ଷଙ୍କ ସମ୍ମୁଖରେ ଗ୍ରାହକଙ୍କର ଆକାଉଣ୍ଟର ସବିଶେଷ / ତଥ୍ୟକୁ ଉନ୍ମୋଚନ କରିବ ନାହିଁ । ଅନ୍ୟପକ୍ଷରେ ଏହି କ୍ଷେତ୍ରରେ କେତେକ ବ୍ୟତିକ୍ରମ ଆଶା କରାଯାଇପାରେ ଯଥା ଆଇନ୍‌ବ୍ୟବସ୍ଥା ଅଧିନରେ ସୂଚନାର ଉନ୍ମୋଚନ ଯାହାକି ସର୍ବସାଧାରଣରେ ସେହି ତଥ୍ୟଗୁଡ଼ିକର ଉନ୍ମୋଚନ ହେବାର ଆବଶ୍ୟକତା ରହିଛି ଏବଂ ଯେଉଁଠାରେ ଏହି ସବୁ ତଥ୍ୟଗୁଡ଼ିକ ଉନ୍ମୋଚନ କରିବା ପାଇଁ ବ୍ୟାଙ୍କ ଆବଶ୍ୟକତା ଅନୁଭବ କରୁଛି ।

## ଟର୍ମ-ଡିପୋଜିଟ୍‌ର ଅପରିପକ୍ୱ ଉଠାଣ

ଜମାକର୍ତ୍ତାଙ୍କ ଅନୁରୋଧକ୍ରମେ ବ୍ୟାଙ୍କ ଜମା କରାଯିବା ସମୟରେ ସମ୍ମତ ସର୍ତ୍ତ ଅନୁଯାୟୀ ଜମା ଅବଧିର ସମାପ୍ତି ପୂର୍ବରୁ ଟର୍ମ ଡିପୋଜିଟ୍‌ର ଉଠାଣ ପାଇଁ ଜମାକର୍ତ୍ତାଙ୍କୁ ଅନୁମତି ଦେଇପାରିବ । ଉତ୍ତମ ସୁଧହାର ଅଧିନରେ ଜମାକୁ ବୁକ୍ କରାଯାଇଥିବା ସର୍ତ୍ତପାଇଁ ଆଂଶିକ ଉଠାଣ ଅନୁମତି ଦିଆଯାଏ ନାହିଁ ।

ପରିପକ୍ୱତା ପୂର୍ବରୁ ବନ୍ଦ କରାଗଲେ ନିମ୍ନ ପ୍ରକାର କମ୍ ସୁଧହାର ପ୍ରଦାନ କରାଯିବ :

- ଯେଉଁ ଅବଧି ପାଇଁ ଜମା ରଖାଯିବା ପାଇଁ ଧାର୍ଯ୍ୟ ହୋଇଛି ତାହାର ଅସଲି /ଚୁକ୍ତିମୂଳକ ଅବଧିର ବେସ୍ ରେଟ୍ କିମ୍ବା
- ବ୍ୟାଙ୍କ୍‌ରେ ଯେତିକି ବର୍ଷ ପାଇଁ ଜମା ରଖାଯାଇଛି ସେତିକି ବର୍ଷ ପାଇଁ ପ୍ରଯୁଜ୍ୟ ବେସ୍ ରେଟ୍

ଜମା ବୁକିଂ କରାଯିବାର ତାରିଖ ସୁଦ୍ଧା ଟ. 1 କୋଟିରୁ କମ୍ ଜମା ପାଇଁ ବେସ୍ ରେଟ୍ ହେଉଛି ପ୍ରଯୁଜ୍ୟ ରେଟ୍ ।

5 କୋଟିରୁ ଅଧିକ ଜମା ପାଇଁ ଜମା ବୁକିଂ କରାଯିବାର ତାରିଖ ସୁଦ୍ଧା ଟ. 5 କୋଟି ଜମା ପାଇଁ ବେସ୍ ରେଟ୍ ହେଉଛି ପ୍ରଯୁଜ୍ୟ ରେଟ୍ ।

ଏ ପ୍ରକାର ଅପରିପକ୍ୱ ଉଠାଣ ଏଥିସହିତ ସୁଇପ୍ ଇନ୍ ଏବଂ ଆଂଶିକ ଉଠାଣ ପାଇଁ ବ୍ୟାଙ୍କ ପ୍ରଯୁଜ୍ୟ ରେଟ୍‌ରେ 1% ଜୋରିମାନା ଶୁଳ୍କ ଲାଗୁ କରିବ ।

## ଓଭରଡିଉ ଟର୍ମ ଡିପୋଜିଟର ନବୀକରଣ

ଯେତେବେଳେ ପରିପକ୍ୱତା ଉପରେ ଏକ ଟର୍ମ ଡିପୋଜିଟ୍‌କୁ ନବୀକରଣ କରାଯାଏ ସେ କ୍ଷେତ୍ରରେ ଡିପୋଜିଟ୍‌ରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅବଧି ପାଇଁ ନବୀକୃତ ଜମା ସୁଧହାର ପରିପକ୍ୱତାର ତାରିଖ ଉପରେ ପ୍ରଯୁଜ୍ୟ ସୁଧ ହାର ଲାଗୁ ହେବ । ଯଦି ପରିପକ୍ୱତା ତାରିଖ ପରେ ନବୀକରଣ ପାଇଁ ଅନୁରୋଧ ଗ୍ରହଣ କରାଯାଇଥାଏ ସେ ପ୍ରକାର ଓଭରଡିଉ ଜମାକୁ ପରିପକ୍ୱତା ତାରିଖଠାରୁ ଧାର୍ଯ୍ୟ ତାରିଖ ଉପରେ ରହିଥିବା ପ୍ରଯୁଜ୍ୟ ସୁଧ ହାରରେ ନବୀକୃତ କରାଯାଏ । ଏଥିପାଇଁ ପରିପକ୍ୱ ହେବାର 14 ଦିନ ଆଗରୁ ଏପ୍ରକାର ଅନୁରୋଧକୁ ଦାଖଲ କରିବାକୁ ହେବ । ପରିପକ୍ୱତା ତାରିଖର 14 ଦିନ ପରେ ଓଭରଡିଉ ଜମାକୁ ନବୀକରଣ କରାଯିବା କ୍ଷେତ୍ରରେ ବ୍ୟାଙ୍କ ଦ୍ୱାରା ସମୟକୁ ସମୟ କ୍ରମେ ନିର୍ଦ୍ଧାରିତ ସୁଧହାର ଅନୁଯାୟୀ ଏହି ଓଭରଡିଉ ଜମା ଉପରେ ସୁଧ ପ୍ରଦାନ କରାଯିବ ।

## ଡିପୋଜିଟ୍ ବିପକ୍ଷରେ ଅଗ୍ରୀମ

ଟର୍ମ ଡିପୋଜିଟ୍ ବିପକ୍ଷରେ ଜମାକାରୀଙ୍କୁ ଋଣ /ଓଭରଡ୍ରାଫ୍‌ଟ ସୁବିଧା ଯୋଗାଇଦେବା ପାଇଁ ଅନୁରୋଧକୁ ଆବଶ୍ୟକୀୟ ସୁରକ୍ଷା କାଗଜାତ ରଖି ବ୍ୟାଙ୍କ ଏହି ସୁବିଧା ପ୍ରଦାନ ଲାଗି ବିଚାର କରିପାରେ । ନାବାଳକଙ୍କ ନାମରେ ରହିଥିବା ଜମା ବିପକ୍ଷରେ ଋଣ ଦେବା ଉପରେ ମଧ୍ୟ ବ୍ୟାଙ୍କ ବିଚାର କରିପାରେ । ଅନ୍ୟ ପକ୍ଷରେ ଏଥିପାଇଁ ନାବାଳକଙ୍କ ଲାଭ ଉଦ୍ଦେଶ୍ୟରେ ଡିପୋଜିଟର / ପ୍ରାର୍ଥୀଙ୍କ ଦ୍ୱାରା ଏକ ଉପଯୁକ୍ତ ଘୋଷଣାନାମା ପ୍ରଦାନ କରାଯିବା ଆବଶ୍ୟକ ।

## ମୃତବ୍ୟକ୍ତିଙ୍କର ଡିପୋଜିଟ୍ ଆକାଉଣ୍ଟର ସେଟେଲ୍‌ମେଣ୍ଟ

i) ଯଦି ଜମାକାରୀ ବ୍ୟାଙ୍କରେ ତାଙ୍କର ନାମାଙ୍କନକୁ ପଞ୍ଜୀକୃତ କରାଇଥିବେ ତେବେ ସେହି ମୃତ ଜମାକାରୀ ବ୍ୟକ୍ତିଙ୍କର ଆକାଉଣ୍ଟରେ ଥିବା ବଳକା ଆଉଟ୍‌ଷ୍ଟାଣ୍ଡିଙ୍ଗକୁ ବ୍ୟାଙ୍କ ନୋମିନିଙ୍କ ପରିଚୟ ସମ୍ବନ୍ଧରେ ସନ୍ତୋଷତା ପ୍ରକାଶ କଲା ପରେ ସେହି ନୋମିନିଙ୍କ ଆକାଉଣ୍ଟକୁ ଏହି ଅର୍ଥ ଟ୍ରାନ୍‌ସଫର କରିପାରେ / ପ୍ରଦାନ କରିପାରେ ।

ii) ଜଏଣ୍ଟ ଆକାଉଣ୍ଟ ଯେଉଁଠାରେ ବ୍ୟାଙ୍କ ନିକଟରେ ନୋମିନେଶନଙ୍କୁ ପଞ୍ଜୀକରଣ କରାଯାଇଛି ତାହାର ନିର୍ବିଶେଷରେ ଏହି ପ୍ରଣାଳୀକୁ ମଧ୍ୟ ଗ୍ରହଣ କରାଯିବ ।

iii) ଏକ ଜଏଣ୍ଟ ଡିପୋଜିଟ୍ ଆକାଉଣ୍ଟ କ୍ଷେତ୍ରରେ ଯେଉଁଠାରେ ଜଣେ ଜଏଣ୍ଟ ଆକାଉଣ୍ଟଧାରୀ ମୃତ ହୋଇଥାନ୍ତି ତେବେ ସେ କ୍ଷେତ୍ରରେ ବ୍ୟାଙ୍କ ସେହି ମୃତ ବ୍ୟକ୍ତିଙ୍କର ପ୍ରକୃତ ଉତ୍ତରାଧିକାରୀଙ୍କସହିତ ବଞ୍ଚିଥିବା ଡିପୋଜିଟର (ମାନଙ୍କୁ) ଯୁଗ୍ମ ଭାବରେ ପଇଠ କରିବା ଆବଶ୍ୟକ । ଅନ୍ୟ ପକ୍ଷରେ ଯଦି ଜଏଣ୍ଟ ଆକାଉଣ୍ଟଧାରୀ ତାଙ୍କର ବାଲାନ୍‌ସ ଆକାଉଣ୍ଟକୁ ସର୍ଭାଇଭର କିମ୍ବା ଯାହାକୁ, ଫର୍ମର/ଲେଟର କିମ୍ବା ସରଭାଇଭର, ସର୍‌ଭାଇଭରଙ୍କୁ ଯେ କାହାରିକୁ କିମ୍ବା ସରଭାଇଭର ଇତ୍ୟାଦିକୁ ତାଙ୍କର ବାଲାନ୍‌ସ ପରିମାଣ ଦେବା ପାଇଁ ସେ କ୍ଷେତ୍ରରେ ମୃତ ବ୍ୟକ୍ତିଙ୍କର ଉତ୍ତରାଧିକାରୀଙ୍କ ଦ୍ୱାରା କୌଣସି ଆଇନ୍‌ଗତ କାଗଜାତ ସମ୍ବନ୍ଧିତ ବିଳମ୍ବକୁ ଏଡାଇବା ପାଇଁ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ କରାଯିବ ।

iv) ନାମାଙ୍କନର ଅନୁପସ୍ଥିତି କ୍ଷେତ୍ରରେ ଏବଂ ଯେଉଁ କ୍ଷେତ୍ରରେ ଦାବୀ ଉପରେ କୌଣସି ବିବାଦ ରହିନାହିଁ ସେ କ୍ଷେତ୍ରରେ ମୃତ ବ୍ୟକ୍ତିଙ୍କର ଆକାଉଣ୍ଟରେ ଥିବା ବକେୟା ପରିମାଣକୁ ଜଏଣ୍ଟ ଆପ୍ଲିକେଶନ ଏବଂ ସମସ୍ତ ଉତ୍ତରାଧିକାରୀଙ୍କ ଦ୍ୱାରା କ୍ଷତିପୂରଣ ଦାବୀ କିମ୍ବା ଉତ୍ତରାଧିକାରୀଙ୍କ ଦ୍ୱାରା ନିର୍ଦ୍ଦେଶକ୍ରମେ ପ୍ରାଧିକୃତ ବ୍ୟକ୍ତିଙ୍କୁ ଏହି ପଇଠ ରାଶି ପ୍ରଦାନ କରାଯିବ ଏବଂ ସେ କ୍ଷେତ୍ରରେ ବ୍ୟାଙ୍କ ବୋର୍ଡ଼ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ସୀମା ଅନୁଯାୟୀ ଆଇନ୍‌ଗତ କାଗଜାତ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ନାହିଁ । ଜମାକାରୀଙ୍କ ପାଇଁ ଆଇନ୍‌ଗତ କାର୍ଯ୍ୟଜନିତ ବିଳମ୍ବ କଠିନତାକୁ ସହଜ କରିବା ପାଇଁ ଏ ପ୍ରକାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି ।

## ମୃତବ୍ୟକ୍ତିଙ୍କର ଟର୍ମ ଡିପୋଜିଟ୍ ଆକାଉଣ୍ଟରେ ସୁଧ ପ୍ରଦାନ

i) ଜମା ପରିପକ୍ୱତା ତାରିଖ ପୂର୍ବରୁ ଡିପୋଜିଟରଙ୍କ ବିୟୋଗ କ୍ଷେତ୍ରରେ ଏବଂ ପରିପକ୍ୱତା ତାରିଖ ପରେ ଜମା ପରିମାଣ ଦାବୀ କରାଯାଉଥିଲେ ତେବେ ପରିପକ୍ୱ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଚୁକ୍ତି ହାରରେ ସୁଧ ପ୍ରଦାନ କରିବ। ପରିପକ୍ୱତା ତାରିଖଠାରୁ ପଇଠ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କ ପ୍ରଯୁଜ୍ୟ ସରଳ ସୁଧ ହାରରେ ଜମା ରଖାଯାଇଥିବା ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କର ପ୍ରଚଳିତ ଥିବା ପଲିସି ଅନୁଯାୟୀ ସୁଧ ଅର୍ଥ ପ୍ରଦାନ କରିବ ।

ii) ଅନ୍ୟ ପକ୍ଷରେ ଜମାକାରୀଙ୍କ ମୃତ୍ୟୁ କ୍ଷେତ୍ରରେ ଜମା ଅର୍ଥର ପରିପକ୍ୱତା ତାରିଖ ପରେ ବ୍ୟାଙ୍କ ସେଭିଂସ୍ ଡିପୋଜିଟ୍ ସୁଧହାରରେ (ପରିପକ୍ୱତା ତାରିଖ ସୁଧା) ପରିପକ୍ୱତା ତାରିଖଠାରୁ ପଇଠ ତାରିଖ ପର୍ଯ୍ୟନ୍ତ ସୁଧ ପ୍ରଦାନ କରିବ।

## ଜମା ଉପରେ ବୀମା କଭର

ସବୁ ବ୍ୟାଙ୍କ ଜମା ଉପରେ ନିର୍ଦ୍ଦିଷ୍ଟ ସୀମା ଓ ବ୍ୟବସ୍ଥାବଳୀ ଭିତ୍ତିରେ ଡିପୋଜିଟ୍ ଇନ୍ସ୍ୟୁରାନସ ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେଶନ ଅଫ୍ ଇଣ୍ଡିଆ (ଡିଆଇସିଜିସି) ଦ୍ୱାରା ଅଫର କରାଯାଉଥିବା ଇନ୍ସ୍ୟୁରାନ୍ସ ସ୍କିମ୍ ଅଧିନରେ କଭର ମିଳିଥାଏ। କାର୍ଯ୍ୟକାରୀ ହେଉଥିବା ଇନ୍ସ୍ୟୁରାନ୍ସ କଭରର ସବିଶେଷକୁ ଜମାକାରୀଙ୍କୁ ପ୍ରଦାନ କରାଯାଏ।

## ଷ୍ଟପ୍ ପେମେଣ୍ଟ ସୁବିଧା

ଜମାକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଚେକ୍ ଉପରେ ଷ୍ଟପ୍ ପେମେଣ୍ଟ ନିର୍ଦ୍ଦେଶକୁ ବ୍ୟାଙ୍କ ଗ୍ରହଣ କରିବ। ଏଥିପାଇଁ ଧାର୍ଯ୍ୟ ହୋଇଥିବା ଦେୟକୁ ରିକଭର କରାଯିବ।

## ଡରମାଣ୍ଟ ଆକାଉଣ୍ଟସ୍

ଗ୍ରାହକଙ୍କ ଦ୍ୱାରା କ୍ରମାଗତ ଭାବରେ ଦୁଇ ବର୍ଷରୁ ଅଧିକ ଅବଧି ପାଇଁ ସେଭିଂସ୍ ଓ କରେଣ୍ଟ ଆକାଉଣ୍ଟ ପରିଚାଳନ କରାଯାଉନଥିଲେ (ସିଷ୍ଟମ ଜେନେରେଟେଡ୍ ଟ୍ରାନ୍ଜାକ୍ସନ ଯଥା କ୍ରେଡିଟ୍ ଇଣ୍ଟ୍ରେଷ୍ଟ/ଡେବିଟ୍ ଇଣ୍ଟ୍ରେଷ୍ଟକୁ ବାଦ ଦେଇ) ତାହାକୁ ବ୍ୟାଙ୍କ ଓ ଜମାକାରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ଡରମାଣ୍ଟ ଆକାଉଣ୍ଟ ବୋଲି ବିଚାର କରାଯିବ। ଏହାକୁ ପୁନଃ ଚାଲୁ କରିବା ପାଇଁ ଜମାକାରୀ ବ୍ୟାଙ୍କକୁ ଅନୁରୋଧ କରିପାରିବେ।

## ପ୍ରଚଳିତ ନିର୍ଦ୍ଦେଶାବଳୀ

ଗୋଟିଏ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ପାଣ୍ଠି ଟ୍ରାନ୍ସଫର / ରେମିଟାନ୍ସ କରିବା ପାଇଁ ସେହି ଶାଖା, ବ୍ୟାଙ୍କର ଅନ୍ୟ କୌଣସି ଶାଖା ଲାଗି ପ୍ରଚଳିତ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇପାରେ।

**ଡାଇରେକ୍ଟ ଡେବିଟ୍**

ଗ୍ରାହକଙ୍କ ଆକାଉଣ୍ଟକୁ ଡାଇରେକ୍ଟ ଡେବିଟ୍ ଦ୍ୱାରା ସାମୟିକ ପଇଠ ଜମା କରିବା ପାଇଁ ବ୍ୟାଙ୍କ ଇଲେକ୍ଟ୍ରୋନିକ୍ କ୍ଲିୟରିଂ ସର୍ଭିସ୍ (ଇସିଏସ୍) ସୁବିଧା ପ୍ରଦାନ କରିଥାଏ। ଏହି ସୁବିଧାଗୁଡ଼ିକୁ ମୁଖ୍ୟତଃ ୟୁଟିଲିଟି ବିଲ୍/ ଋଣର ଇଏମ୍ଆଇ / ବୀମା କିସ୍ତି / ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ନିବେଶ ପଇଠ ପାଇଁ ବ୍ୟବହାର କରାଯାଇଥାଏ। ଇସିଏସ୍ ସୁବିଧାଗୁଡ଼ିକର ସବିଶେଷ ସମସ୍ତ ବ୍ୟାଙ୍କରେ ଉପଲବ୍ଧ ଥାଏ।

## ସେଫ୍ ଡିପୋଜିଟ୍ ଲକ୍ରସ

ସମସ୍ତ ବ୍ୟାଙ୍କ ଶାଖା ଜରିଆରେ ଏହି ସୁବିଧା ପ୍ରଦାନ କରାଯାଏ ନାହିଁ ଏବଂ ଯେଉଁଠାରେ ଏହି ସୁବିଧା ପ୍ରଦାନ କରାଯାଏ ସେଠାରେ ଏହା ସେବା ସହିତ ସଂପୃକ୍ତ ଥିବା ଅନ୍ୟାନ୍ୟ ସର୍ତ୍ତ ଓ ବ୍ୟବସ୍ଥାବଳୀ ସହିତ ନିୟମାନୁଯାୟୀ ଏବଂ ଉପଲବ୍ଧତା ଥିବା ବିଷୟ ଉପରେ ନିର୍ଭର କରି ସେଫ୍ ଡିପୋଜିଟ୍ ଆବଣ୍ଟନ କରାଯାଏ । ଏହି ସେଫ୍ ଡିପୋଜିଟ୍ ଲକରକୁ ଜଣେ ବ୍ୟକ୍ତି ବିଶେଷ (ନାବଳକ ନହୋଇ) ଏକକ ବା ଯୁଗ୍ମ ଭାବରେ ଅନ୍ୟ ବ୍ୟକ୍ତି (ସମୂହ)ଙ୍କ ସହିତ ଏଚ୍ୟୁଏଫ୍, ଫାର୍ମ, ଲିମିଟେଡ୍ କମ୍ପାନୀ, ଆସୋସିଏଟ୍ସ, ସୋସାଇଟି, ଟ୍ରଷ୍ଟ ସମୂହ ଇତ୍ୟାଦିଙ୍କ ଦ୍ୱାରା ଭଡ଼ା ସୂତ୍ରରେ ରଖିପାରିବେ। ଯୁଗ୍ମନାମଧାରୀଙ୍କ ନାମରେ ଥିବା ଲକର ନିର୍ବିଶେଷରେ ଦୁଇଜଣ ପର୍ଯ୍ୟନ୍ତ ନୋମିନିଙ୍କୁ ନିଯୁକ୍ତ କରାଯାଇପାରେ। ଯୁଗ୍ମ ଲକରଧାରୀ ଡିପୋଜିଟ୍ ଆକାଉଣ୍ଟଧାରୀଙ୍କ ପାଇଁ ରହିଥିବା ସମାନ ନିୟମ ପ୍ରକାରେ ଜଣେ ଲକରଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ ଅନ୍ୟ ଜୀବିତ ଥିବା ବ୍ୟକ୍ତି ଏହି ସୁବିଧା ପ୍ରାପ୍ତ କରିବା ଲାଗି ନିର୍ଦ୍ଦେଶ ଦେଇପାରିବେ। ନୋମିନେଶନର ଅନୁପସ୍ଥିତି କିମ୍ବା ଲକର୍ସ ବିଷୟ ଡିସ୍ପୋଜାଲ୍ ପାଇଁ ନିର୍ଦ୍ଦେଶ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ସହଜ ହେଲା ଭଳି ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ ପାଇଁ ପ୍ରଯୁଜ୍ୟ ନିୟମ ଅନୁସାରେ ପ୍ରକୃତ ଉତ୍ତରାଧିକାରୀଙ୍କୁ ଲକରଟିକୁ ଛାଡ଼ି ଦେଇପାରିବେ।

# ଆପତ୍ତି ଓ ଅଭିଯୋଗର ନିବାରଣ

ଜମାକାରୀଙ୍କର ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ପରେ ଗ୍ରାହକମାନଙ୍କର ଆପତ୍ତି/ ଅଭିଯୋଗ ପରିଚାଳନା ପାଇଁ ବ୍ୟାଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀ (ସମୂହ)ଙ୍କୁ ଜଣାଇ ପାରିବାର ଅଧିକାର ରହିଛି । ଆପତ୍ତି/ଅଭିଯୋଗଗୁଡ଼ିକର ନିବାରଣ ପାଇଁ ସବିଶେଷ ଆଭ୍ୟନ୍ତରୀଣ ପ୍ରସ୍ତୁତିକୁ ବ୍ୟାଙ୍କ ପରିସର ମଧ୍ୟରେ ପ୍ରଦର୍ଶିତ କରାଯିବ । ଅଭିଯୋଗକୁ ଦର୍ଜ କରିବା ପାଇଁ ପ୍ରଣାଳୀ ସମ୍ବନ୍ଧୀୟ ଆବଶ୍ୟକୀୟ ସୂଚନାକୁ ବ୍ୟାଙ୍କର ଅଧିକାରୀମାନେ ପ୍ରଦାନ କରିବେ । ଯଦି ଜମାକାରୀ ଅଭିଯୋଗ କରିବାର ଏକ ମାସ ମଧ୍ୟରେ ବ୍ୟାଙ୍କଠାରୁ କୌଣସି ପ୍ରତିବିଧାନ ନପାଆନ୍ତି ତଥା ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରତିବିଧାନରେ ସନ୍ତୁଷ୍ଟ ନହୋଇପାରନ୍ତି ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିଯୁକ୍ତ ବ୍ୟାଙ୍କିଙ୍ଗ ଅମ୍ବୁଡସ୍‌ମ୍ୟାନଙ୍କୁ ଜଣାଇପାରିବାର ଅଧିକାର ରଖିଛନ୍ତି ।

# ଚେକ୍ କଲେକ୍‌ଶନ୍ ଓ ଆଉଟ୍‌ଷ୍ଟେସନ୍ ଚେକ୍'ର ତୁରନ୍ତ କ୍ରେଡିଟ୍ ବିଷୟକ ପଲିସୀ ଓ ପ୍ରଣାଳୀ

1) ସ୍ଥାନୀୟ ଚେକ୍

ଲୋକାଲୀ ଦେୟ ହେଉଥିବା ଯାବତୀୟ ଚେକ୍ ଓ ଅନ୍ୟାନ୍ୟ ନେଗୋସିଏବଲ୍ ଲିଖିତ କେନ୍ଦ୍ର ମାନଙ୍କରେ ଥିବା କ୍ଲିଅରିଙ୍ଗ ସୀଷ୍ଟମ୍ ଜରିଆରେ ପଇଠ କରାଯାଇଥାଏ । ଧାର୍ଯ୍ୟ କଟ୍–ଅଫ୍ ସମୟ ପୂର୍ବରୁ ଶାଖା କାଉଣ୍ଟର୍ ଓ ଶାଖା ପରିସରରେ ଥିବା କଲେକ୍‌ଶନ୍ ବାକ୍ସରେ ଜମା କରାଯାଇଥିବା ଚେକ୍ ସେହି ଦିନ କ୍ଲିଅରିଙ୍ଗ ପାଇଁ ପଠାଯିବ । କଟ୍–ଅଫ୍ ସମୟ ପ୍ରତି ଶାଖା ପାଇଁ ଅଲଗା ହୋଇଥାଏ । ଗ୍ରାହକଙ୍କ ଜାଣିବା ପାଇଁ, ଚେକ୍ ଡ୍ରପ୍ ବକ୍ସ ଓ ଶାଖାରେ ପ୍ରଯୋଜ୍ୟ କଟ୍–ଅଫ୍ ସମୟ ଲେଖାଯାଇଥାଏ ।

କଟ୍–ଅଫ୍ ସମୟ ପରେ ଆଉ ଅଫ୍–ସାଇଟ୍ ଏଟିଏମ୍ ସମେତ ଶାଖା ପରିସର ବାହାରେ ଥିବା ବାକ୍ସରେ ଜମା କରାଯିବା ଚେକ୍ ପରବର୍ତ୍ତୀ କ୍ଲିଅରିଙ୍ଗ ସାଇକଲ୍ ରେ ପଠାଯିବ । ସେଟେଲ୍‌ମେଣ୍ଟ କ୍ଲିୟରିଂ ପାଇଁ ଆସିବା ପରେ ଆମେ ଗ୍ରାହକଙ୍କ ଆକାଉଣ୍ଟରେ ସେହି ଦିନ ବା ଅତି ବେଶୀରେ ତାପର ଦିନ କ୍ରେଡିଟ ଜମା କରିଥାଉ । ଏଭଳି କ୍ରେଡିଟ୍ ହେବା ରାଶି କ୍ଲିଅରିଙ୍ଗ ହାଉସ୍'ର ଚେକ୍ ରିଟର୍ନ ଅନୁଯାୟୀ ଅନୁମତ ହେବ ।

2) ଆଉଟ୍‌ଷ୍ଟେସନ୍ ଚେକ୍

ଆଉଟ୍‌ଷ୍ଟେସନ୍ ଚେକ୍'ର ରାଶି ତଳେ ବତାଯାଇଥିବା ପ୍ରକାରେ ଗ୍ରାହକଙ୍କ ଖାତାରେ କ୍ରେଡିଟ୍ କରାଯିବ ।

ଅନ୍ୟ ବ୍ୟାଙ୍କ'ର ଆଉଟ୍‌ଷ୍ଟେସନ୍ କେନ୍ଦ୍ରର ଚେକ୍‌ଗୁଡ଼ିକ ସାଧାରଣତଃ ସେସବୁ କେନ୍ଦ୍ରରେ ଥିବା ବ୍ୟାଙ୍କ ଶାଖା ଦ୍ୱାରା ସଂଗୃହିତ ହୋଇଥାଏ । ବ୍ୟାଙ୍କ'ର ନିଜ ଶାଖା ନଥିବା ସ୍ଥାନରେ, ତୃୟୀ ବ୍ୟାଙ୍କ କୁ କଲେକ୍‌ଶନ୍ ପାଇଁ ସିଧା ପଠାଯିବ ବା କରେସ୍‌ପଣ୍ଡେଣ୍ଟ ବ୍ୟାଙ୍କ ଜରିଆରେ ସଂଗୃହିତ ହେବ । ଆର୍‌ବିଆଇ ଅଫର୍ କରୁଥିବା ନେଶନଲ୍ କ୍ଲିଅରିଙ୍ଗ ସର୍ଭିସେସ୍ ପରି ସୁବିଧା ମିଳୁଥିବା କେନ୍ଦ୍ରରେ, ବ୍ୟାଙ୍କ ତାକୁ ମଧ୍ୟ ବ୍ୟବହାର କରିପାରେ । ଆଉଟ୍‌ଷ୍ଟେସନ୍ କେନ୍ଦ୍ରରେ ଥିବା ବ୍ୟାଙ୍କ ଶାଖା ଉପରେ ଡ୍ର କରାଯାଇଥିବା ଚେକ୍ କୁ ସମ୍ପ୍ରତି ପ୍ରଚଳିତ ଇଣ୍ଟର୍–ବ୍ରାଞ୍ଚ ଆରେଞ୍ଜମେଣ୍ଟ ମାଧ୍ୟମରେ ସଂଗ୍ରହ କରାଯିବ ।

1. ଏଚଡିଏଫସି ବ୍ୟାଙ୍କ'ର ଶାଖା ଥିବା ମେଟ୍ରୋ, ନନ୍–ମେଟ୍ରୋ ସହର'ର ଚେକ୍ ହୋଇଥିଲେ, କ୍ଲିଅର୍ ହେବା ଫଣ୍ଡ ମିଳିବା ପରେ ହିଁ କ୍ରେଡିଟ୍ ଦିଆଯିବ । ଡେ କ୍ରେଡିଟ୍ ରିଲୀଜ୍ ଆରମ୍ଭ କରାଯିବାର ଭାଗ ରୂପେ ଦିନକୁ ଥରେ ଗ୍ରାହକଙ୍କ ଖାତାରେ ଫଣ୍ଡ କ୍ରେଡିଟ୍ କରାଯିବ ।

a) ପ୍ରମୁଖ ମେଟ୍ରୋ (ମୁମ୍ବଇ, ଚେନ୍ନୈ, କଲକାତା, ନୂଆ ଦିଲ୍ଲୀ) ମଧ୍ୟରେ ଅନ୍ୟ ବ୍ୟାଙ୍କ ଚେକ୍ କଲେକ୍‌ଶନ୍ : ସଂଗ୍ରହ ପାଇଁ 7 କାର୍ଯ୍ୟ ଦିବସ ।

b) ମେଟ୍ରୋ ସେଣ୍ଟର୍ ଓ ରାଜ୍ୟ ରାଜଧାନୀସବୁ (ଉତ୍ତର–ପୂର୍ବାଞ୍ଚଳ ରାଜ୍ୟସବୁ ଓ ସିକ୍କିମ୍ ବ୍ୟତୀତ) : ସର୍ବାଧିକ 10 କାର୍ଯ୍ୟ ଦିବସ ।

c) ଆମର ଶାଖା ଥିବା ଅନ୍ୟ ସମସ୍ତ କେନ୍ଦ୍ରରେ : ସର୍ବାଧିକ 14 କାର୍ଯ୍ୟ ଦିବସ ।

2.ଆମର ଶାଖା ନଥିବା ଅଥଚ କରେସ୍‌ପଣ୍ଡେଣ୍ଟ ବ୍ୟାଙ୍କ ସହିତ ଟାଇ–ଅପ୍ ଥିବା ଲୋକେଶନ୍‌ରେ, ଏବଂ କରେସ୍‌ପଣ୍ଡେଣ୍ଟ ବ୍ୟାଙ୍କ ସହିତ ଟାଇ–ଅପ୍ ନଥିବା ଲୋକେଶନ୍‌ରେ : ସର୍ବାଧିକ 14 କାର୍ଯ୍ୟ ଦିବସ ।

ପ୍ରତି ଉତ୍ପାଦ ପାଇଁ ପ୍ରଯୋଜ୍ୟ ସ୍କେଡ୍ୟୁଲ୍ ଅଫ୍ ଚାର୍ଜେସ୍ ରେ ଉଲ୍ଲିଖିତ ଓ ସମୟ ସମୟରେ ସଂଶୋଧିତ ଚାର୍ଜ ଉପରୋକ୍ତ ସ୍ଥିତିରେ ଲାଗୁ ହେବ ।

* କାର୍ଯ୍ୟ ଦିବସ – ଶନିବାର, ରବିବାର ଓ ଯଥୋଚିତ କେନ୍ଦ୍ରର ବ୍ୟାଙ୍କ ହଲିଡେ ଛାଡ଼ିକରି ଥିବା କାର୍ଯ୍ୟ ଦିବସ ।

3) ସ୍ୱୀଡ୍ କ୍ଲୀୟରିଙ୍ଗ୍

ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ନୂତନ କ୍ଲୀୟରିଙ୍ଗ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି ଯାହା ହେଉଛି ସ୍ୱୀଡ୍ କ୍ଲୀୟରିଙ୍ଗ୍, ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ବ୍ୟାଙ୍କଗୁଡ଼ିକ ଲାଗୁ କରିଥିବା କୋର୍ ବ୍ୟାଙ୍କିଙ୍ଗ ସଲୁସନ୍ (ସିବିଏସ୍)ର ଟେକ୍‌ନୋଲଜି ସୁବିଧାକୁ ବ୍ୟବହାର କରି ବାହାର ଚେକ୍ ସଂଗ୍ରହରେ ସମୟ ସଞ୍ଚୟ କରିବା ।

ନୂଆ କ୍ଲୀୟରିଙ୍ଗ୍ ବ୍ୟବସ୍ଥାରେ ବାହାର ଚେକ୍ ଯେଉଁଠାରେ ଜମା କରାଯାଇଥାଏ / ଉହ ତାହା ପ୍ରତ୍ୟକ୍ଷ ଭାବେ ଅନ୍ୟ କୌଣସି ସ୍ଥାନ / ଉଠାଣକାରୀଙ୍କ ପାଖକୁ ନ ଯାଇ କ୍ଲୀୟର ହୋଇପାରିବ । ଏହି ଦେୟର ସଂପୂର୍ଣ୍ଣ ପ୍ରକ୍ରିୟାଟି ହେଉଛି କ୍ଲାଏଣ୍ଟ ଖାତାକୁ ଡେବିଟ୍ ଓ ହସ୍ତାକ୍ଷର ଯାଞ୍ଚ ଇତ୍ୟାଦି ଜମା ସ୍ଥାନରେ ଶାଖାରେ ପରିଚାଳନା କରାଯିବ । 2010 ଜାନୁଆରୀ 1 ତାରିଖଠାରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏହାର ସମସ୍ତ ସ୍ଥାନରେ ସ୍ୱୀଡ୍ କ୍ଲୀୟରିଙ୍ଗ୍ ବ୍ୟବସ୍ଥା ଲାଗୁ କରିଛନ୍ତି ।

## 4. ବିଦେଶରେ ଦେୟ ହେଉଥିବା ଚେକ୍

ଫରେନ୍ ସେଣ୍ଟର୍, ଯେଉଁଠି ବ୍ୟାଙ୍କ'ର ଶାଖା କାର୍ଯ୍ୟ କରୁଛି (ବା ସହଯୋଗୀ, ଆଦି ମାଧ୍ୟମରେ ବ୍ୟାଙ୍କିଙ୍ଗ ଅପରେଶନ୍ କରାଯାଉଛି) ରେ ଦେୟ ହେଉଥିବା ଚେକ୍ ସେହି କାର୍ଯ୍ୟାଳୟ ଜରିଆରେ ସଂଗୃହିତ ହେବ । କରେସ୍ପଣ୍ଡେଣ୍ଟ ବ୍ୟାଙ୍କ'ର ଉପସ୍ଥିତି ଥିବା ଦେଶ/କେନ୍ଦ୍ରରେ ସେହି ବ୍ୟାଙ୍କ'ର ସେବା ଉପଯୋଗ କରାଯିବ । ବ୍ୟାଙ୍କ ବା ଏହାର କରେସ୍ପଣ୍ଡେଣ୍ଟ ଙ୍କର ସିଧା ଉପସ୍ଥିତି ନଥିବା କେନ୍ଦ୍ରରେ ଫରେନ୍ ବ୍ୟାଙ୍କ ଉପରେ ଡ୍ର କରାଯାଇଥିବା ଚେକ୍ କେତେକ କ୍ଷେତ୍ରରେ ସିଧା ଡ୍ରୟୀ ବ୍ୟାଙ୍କ କୁ ପଠାଯିବ କୌଣସି ଗୋଟିଏ କରେସ୍ପଣ୍ଡେଣ୍ଟ ବ୍ୟାଙ୍କ ପାଖରେ ମେଣ୍ଟେନ୍ କରାଯାଉଥିବା ଯଥୋଚିତ ନୋଷ୍ଟ୍ରୋ ଏକାଉଣ୍ଟ କୁ ଲବ୍ଧ ରାଶି କ୍ରେଡିଟ୍ କରିବା ସକାଶେ ।

**ସମ୍ପ୍ରତି ପ୍ରଚଳିତ ପ୍ରମୁଖ କରେନ୍ସୀ ମାନଙ୍କ କୂଲିଙ୍ଗ ପିରିଅଡ୍ ଏଠାରେ ବତାଯାଇଛି ।**

| କରେନ୍ସୀ | ନର୍ମାଲ୍ କୂଲିଙ୍ଗ ପିରିଅଡ୍ |
|---|---|
| ୟୁଏସ୍ଡି ଚେକ୍ | ଭାଲ୍ୟୁ ଦିନାଙ୍କ ଠାରୁ 5 ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟ ଦିବସ – ନ୍ୟୁ ୟର୍କ ରେ ଦେୟ ଚେକ୍ ପାଇଁ |
| | ଭାଲ୍ୟୁ ଦିନାଙ୍କ ଠାରୁ 16 ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟ ଦିବସ – ନ୍ୟୁ ୟର୍କ ବାହାରେ ଦେୟ ଚେକ୍ ପାଇଁ |
| ଜିବିପି ଚେକ୍ | ଭାଲ୍ୟୁ ଦିନାଙ୍କ ଠାରୁ 14 ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟ ଦିବସ |
| ଇୟୁଆର୍ ଚେକ୍ | ଭାଲ୍ୟୁ ଦିନାଙ୍କ ଠାରୁ 2ୟ ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟ ଦିବସ – ଫ୍ରାଙ୍କଫର୍ଟ ରେ ଦେୟ ଚେକ୍ ପାଇଁ |
| | ଭାଲ୍ୟୁ ଦିନାଙ୍କ ଠାରୁ 15 ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟ ଦିବସ – ଫ୍ରାଙ୍କଫର୍ଟ ବାହାରେ ଦେୟ ଚେକ୍ ପାଇଁ |
| ଏୟୁଡି ଚେକ୍ | ଭାଲ୍ୟୁ ଦିନାଙ୍କ ଠାରୁ 10 ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟ ଦିବସ |
| ସିଏଡି ଚେକ୍ | ଭାଲ୍ୟୁ ଦିନାଙ୍କ ଠାରୁ 11 ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟ ଦିବସ |

- ଭାଲ୍ୟୁ ଦିନାଙ୍କ ହେଉଛି ଆମ ନୋଷ୍ଟ୍ରୋ ଏକାଉଣ୍ଟ କୁ କ୍ରେଡିଟ୍ କରାଯିବା ଦିନାଙ୍କ ।
- ଗ୍ରାହକଙ୍କ ଖାତାକୁ କ୍ରେଡିଟ୍ ଦିଆଯିବା ଦିନାଙ୍କରେ ପ୍ରଚଳିତ କାର୍ଡ ରେଟ୍ ହିଁ ପ୍ରଯୋଜ୍ୟ ବିନିମୟ ଦର ହେବ ।
- ନୋଷ୍ଟ୍ରୋ ଏକାଉଣ୍ଟ କୁ କ୍ରେଡିଟ୍ କରାଯିବା ଭାଲ୍ୟୁ ଦିନାଙ୍କ ଯୁକ୍ତ ଉପରୋକ୍ତ ନର୍ମାଲ୍ କୂଲିଙ୍ଗ ପିରିଅଡ୍ ହେଉଛି ଦେୟ ଦିନାଙ୍କ ।
- ଗ୍ରାହକଙ୍କ ଆକାଉଣ୍ଟରେ କ୍ରେଡିଟ୍ ହେବା ସମୟରେ ଆମର ନୋଷ୍ଟ୍ରୋ ଆକାଉଣ୍ଟରେ ସାଇଟିଂ କ୍ରେଡିଟ୍‌ର ତାରିଖଠାରୁ ଚେକ୍‌ର ମୂଲ୍ୟ ଉପରେ କଷ୍ଟମରମାନଙ୍କୁ ସୁଧ (ସେଭିଂସ୍ ବ୍ୟାଙ୍କ ରେଟ୍ ଅନୁଯାୟୀ) ଦେବାକୁ ହେବ ।

**ସୂଚନା :**

ବୈଦେଶିକ ମୁଦ୍ରା ଚେକ୍ / ଉପକରଣ ଯଦି ସଂଗ୍ରହ ପାଇଁ ପେଇ ବ୍ୟାଙ୍କ ଭାରତ ବାହାରେ ଥିବା ନିଜର ସହଯୋଗୀ ବ୍ୟାଙ୍କ ଜରିଆରେ ସଂଗ୍ରହ କରିବ ତାହାକୁ ପେଇ ବ୍ୟାଙ୍କ ଜମାକାରୀଙ୍କ ଖାତାରେ କ୍ରେଡିଟ୍ ହେବା ପରେ ମଧ୍ୟ ଖାତାର ପୁଲିଙ୍ଗ୍ ପିରିୟଡ ଶେଷ ହେବା ପରେ ଯାହା ବି କିଛି କାରଣ ଥାଉନା କାହିଁକି ଫେରାଇବ । କିନ୍ତୁ ଡ୍ରଇ ରାଷ୍ଟ୍ରରେ ଚେକ୍ ସଂଗ୍ରହ ପାଇଁ ପ୍ରଚଳିତ କ୍ଲାୟରିଙ୍ଗ୍ ନିୟମ ଅନୁସାରେ କମ୍ ପାଣ୍ଠି, ବନ୍ଦ ଖାତା, ଠକେଇ ଚେକ୍ ଇତ୍ୟାଦି ତାହା ଲାଗୁ ହେବ ନାହିଁ । ଯଦି କୌଣସି କାରଣ ଯୋଗୁଁ ଚେକ୍ ଫେରି ଯାଉଛି ତେବେ ପେଇ ବ୍ୟାଙ୍କ ଫେରି ଆସିଥିବା ଚେକ୍‌ର ଅର୍ଥ ନିଜ ପାଖରେ ରଖିବେ, ତେଣୁ ତାହା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନଷ୍ଟ୍ରୋ ଖାତାକୁ ଡେବିଟ୍ ହେବ । ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଅଧିକାର ରହିଛି ଜମାକାରୀଙ୍କ ଖାତାରେ ଚେକ୍ ଫେରି ଆସିବା ପରେ କ୍ରେଡିଟ୍ ତାରିଖଠାରୁ ଜମାକାରୀଙ୍କ ଅର୍ଥ ଫେରି ପାଇବା ତାରିଖ ପର୍ଯ୍ୟନ୍ତ ସମସ୍ତ ଚାର୍ଜ ଓ ସୁଧ ସହିତ ତୁରନ୍ତ ଜମା କରିବେ (ପ୍ରଚଳିତ ବିନିମୟ ହାର ଅନୁସାରେ) ।

**ବୈଦେଶିକ ମୁଦ୍ରାର ତୁରନ୍ତ କ୍ରେଡିଟ୍**

ତୁରନ୍ତ କ୍ରେଡିଟ୍ 100 ଡଲାରର ବିଦେଶୀ ମୁଦ୍ରା ଚେକ୍ କିମ୍ବା ସମାନ ମୁଦ୍ରା ଯଥା ଡଲାର, ପାଉଣ୍ଡ, ୟୁରୋ, ସିଏଡି ଓ ଏୟୁଡିରେ ମିଳିପାରିବ ।

ଖାତାର ସନ୍ତୋଷଜନକ ପରିଚାଳନା ଓ ନିମ୍ନରେ ପ୍ରଦାନ କରାଯାଇଥିବା ଯୋଗ୍ୟତାର ମାପଦଣ୍ଡଗୁଡ଼ିକୁ ଗ୍ରାହକ ପୂରଣ କରୁଥିଲେ ଏଫ୍‌ସିୱାଇ ଚେକ୍‌ରେ ତୁରନ୍ତ କ୍ରେଡିଟ୍ ସୁବିଧା ପାଇପାରିବେ ।

- ଚେକର ମୂଲ୍ୟ 100 ଡଲାରରୁ ଅଧିକ ହୋଇ ନ ଥିବ କିମ୍ବା ସମାନ ପରିମାଣର (ଜମା ତାରିଖରେ) ଅନ୍ୟ ମୁଦ୍ରା ଯଥା ଡଲାର, ପାଉଣ୍ଡ, ୟୁରୋ, ସିଏଡି ଓ ଏୟୁଡି
- ହିତାଧିକାରୀଙ୍କ ଖାତା ଅତି କମ୍‌ରେ 12 ମାସ ପୁରୁଣା ହୋଇଥିବ
- ନିଲ୍ ଚେକ୍ ବିଗତ 6 ମାସରେ ଗ୍ରାହକଙ୍କ ଦ୍ୱାରା ଇସ୍ୟୁ କରାଯାଇଥିଲେ ତାହା ଖାତାରେ ପ୍ରଦର୍ଶିତ ହେବ
- ଯୋଜନା ଅନୁସାରେ ହାରାହାରି ତ୍ରୟମାସିକ ବାଲାନ୍ସ ଶେଷ ଦୁଇ ତ୍ରୟମାସିକ ପାଇଁ ରଖାଯାଇଛି
- ଓଭର ଡ୍ରାଫ୍‌ଟ/ଋଣ ଖାତାରେ ତୁରନ୍ତ କ୍ରେଡିଟ୍ ସୁବିଧା ମିଳିବ ନାହିଁ
- ପୂର୍ବରୁ ଇନ୍‌ଷ୍ଟାଣ୍ଟ ଚେକ୍ ଭାବେ ଖରିଦ କରାଯାଇଥିବା କୌଣସି ଚେକ୍ ଯେଭଳି ବକେୟା / ସଂଗ୍ରହ ପାଇଁ ନ ଅଟକିବା କିମ୍ବା ପଇଠ ହୋଇ ନ ଥିବା ଦରକାର
- ଏହି ସୁବିଧା କେବଳ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ସହଯୋଗୀ ବ୍ୟାଙ୍କ ମଧ୍ୟରେ ବୈଦେଶିକ ମୁଦ୍ରା ଚେକ୍ ସଂଗ୍ରହ ପାଇଁ ସହବନ୍ଧନ ହୋଇଥିବା ରାଷ୍ଟ୍ରଗୁଡ଼ିକରେ ହିଁ ଉପଲବ୍ଧ ହେବ

  ଏହି ପ୍ରକାର ସମସ୍ତ ଚେକ୍ ପାଇଁ ପ୍ରତି ଚେକ୍ ପିଛା ଗ୍ରାହକଙ୍କଠାରୁ ଅନ୍ୟ ସମସ୍ତ ସାଧାରଣ ଚାର୍ଜ ବାଦ୍ 50 ଟଙ୍କା ଆଦାୟ କରାଯିବ ।

  ତୁରନ୍ତ କ୍ରେଡିଟ୍‌ରେ ଚେକ୍ ଫେରିବା ଓ ଫେରି ଥିବା ଚେକ୍ ଉପରେ ସୁଧ ପଇଠ ନ ହେଲେ:

- ଯଦି ଚେକ୍ ପଇଠ ନ ହୋଇ ଫେରି ଆସିବ, ଚେକ୍‌ର ମୂଲ୍ୟ ତୁରନ୍ତ ଖାତାରେ ଡେବିଟ୍ ହେବ ପ୍ରଚଳିତ ଟିଟି ସେଲିଂ କାର୍ଡ ହାର ସହ ସଂଚୟ ଜମା ସୁଧ ହାର ସହ 2 ପ୍ରତିଶତ ତୁରନ୍ତ କ୍ରେଡିଟ୍ ତାରିଖଠାର ଖାତାରେ ଡେବିଟ୍ ହେବା ତାରିଖ ପର୍ଯ୍ୟନ୍ତ
- ବିଦେଶୀ ମୁଦ୍ରା ଚେକ୍ ପାଇଁ ପ୍ରଯୁଯ୍ୟ ଚେକ୍ ରିଟର୍ନ ଚାର୍ଜ ଲାଗୁ ହେବ

5) କ୍ଷତିପୂର୍ତ୍ତି ପଲିସୀ – ବିଳମ୍ବିତ କଲେକ୍‌ଶନ୍ ପାଇଁ ଦେୟ ସୁଧ

କ୍ଷତିପୂର୍ତ୍ତିପଲିସୀ ଅନୁସାରେ ଉପରୋକ୍ତ ସମୟ ସୀମା ଠାରୁ କ୍ରେଡିଟ୍ ଦିଆଯିବାରେ ବିଳମ୍ବ ଘଟିଲେ କଲେକ୍‌ଶନ୍ ଲିଖତର ରାଶି ଉପରେ ଗ୍ରାହକଙ୍କୁ ସୁଧ ଦିଆଯିବ । ବିନା ଦାବିରେ ଗ୍ରାହକଙ୍କୁ ସୁଧ ଦିଆଯିବ ।

a) ଆଉଟ୍‌ଷ୍ଟେସନ୍ ଚେକ୍ କଲେକ୍‌ଶନ୍‌ରେ ସାମାନ୍ୟତଃ ଲାଗିବା 7/10/14 ଦିନ ଉପରାନ୍ତେ ବିଳମ୍ବିତ ସମୟ ପାଇଁ ସେଭିଙ୍ଗ୍‌ସ ବ୍ୟାଙ୍କ ରେଟ୍

b) ଏଭଳି ବିଳମ୍ବ 14 ଦିନରୁ ବେଶି ହେଲେ, ସେହି ସମୟ ପାଇଁ ଟର୍ମ ଡିପୋଜିଟ୍'ର ସୁଧ ହାର ଲାଗୁ ହେବ ।

c) ଅତିରିକ୍ତ ବିଳମ୍ବ ମାନେ 90 ଦିନରୁ ବେଶି ବିଳମ୍ବ ହେଲେ ସମ୍ବନ୍ଧିତ ଟର୍ମ ଡିପୋଜିଟ୍ ସୁଧ ହାର ଠାରୁ 2% ବେଶି ଦରରେ ସୁଧ ଦେୟ ହେବ ।

କେତେକ ସ୍ଥାନରେ ଯେଉଁଠାରେ ବ୍ୟାଙ୍କ ଶାଖା ନ ଥିବା ସେଠାରେ ଉପକରଣଟିକୁ ସଂଗ୍ରହ ପାଇଁ ସିଧାସଳଖ ଡ୍ରଇ ବ୍ୟାଙ୍କ ନିକଟକୁ ପଠାଇ ଦିଆଯିବ କିମ୍ବା କରେସ୍‌ପଣ୍ଡେଣ୍ଟ ବ୍ୟାଙ୍କ ଜରିଆରେ ସଂଗ୍ରହ କରାଯିବ । ଯଦି କୌଣସ ଅଯଥା କାରଣ ଯୋଗୁଁ ଡ୍ରଇ ବ୍ୟାଙ୍କ ସଂଗ୍ରହ କରିବାକୁ ଥିବା ବ୍ୟାଙ୍କ ଯଥା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପାଖକୁ ପଠାଇବାରେ ବିଳମ୍ବ କରିବେ, ତେବେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ 14ଟି କାର୍ଯ୍ୟ ଦିବସ ପରେ ଗ୍ରାହକଙ୍କୁ କ୍ଷତିପୂରଣ ଦେବାକୁ ବାଧ ନୁହନ୍ତି ।

ବ୍ୟାଙ୍କ ଗ୍ରାହକଙ୍କ ଦାବି ଅନୁସାରେ ଡ୍ରଇ ବ୍ୟାଙ୍କରେ ବିଳମ୍ବିତ ହୋଇଥିବ ଚେକ୍ ବିଷୟରେ ତଥ୍ୟ ବଣ୍ଟନ କିମ୍ବା ସୂଚନା ପ୍ରଦାନ କରିପାରିବେ ।

ବିଦେଶୀ ମୁଦ୍ରା ଚେକ୍‌ର ବିଳମ୍ବିତ ସଂଗ୍ରହ ଉପରେ ସୁଧ ପ୍ରଦାନ :

ସୁଧ ପ୍ରଦାନ ଜରିଆରେ ଗ୍ରାହକଙ୍କୁ ବିଦେଶୀ ମୁଦ୍ରା ଚେକ୍ ସଂଗ୍ରହରେ ବିଳମ୍ବ ପାଇଁ କ୍ଷତିପୂରଣ ପ୍ରଦାନ କରାଯିବ । ଏହି ସୁଧ ଗ୍ରାହକଙ୍କୁ ସେହି ମାମଲାରେ ପ୍ରଦାନ କରାଯିବ ଯେଉଁଠାରେ ବିଳମ୍ବ ସଂଗ୍ରହ ତାରିଖଠାରୁ 1 ସପ୍ତାହ ବିଳମ୍ବିତ ହୋଇଥିବ, ଯେଉଁଠାରେ ଗ୍ରାହକ କୌଣସି ଦାବି କରିନଥିବେ ।

ଚେକ୍ ପରିଚାଳନା ବେଳେ ଗ୍ରାହକଙ୍କ ଖାତାରେ କ୍ରେଡିଟ୍ ହୋଇଥିବା ଚେକ୍‌ର ପ୍ରକୃତ ମୂଲ୍ୟ ଉପରେ ସୁଧ ପ୍ରଦାନ କରାଯିବ ।

- ପରିଚାଳନ ପ୍ରଦାନ ପାଇଁ ସହମତି ତାରିଖଠାରୁ ବିଳମ୍ବିତ 30 ଦିନ ପର୍ଯ୍ୟନ୍ତ ସମୟ ପାଇଁ ସଂଚୟ ବ୍ୟାଙ୍କ ହାରରେ ପ୍ରଦାନ କରାଯିବ ।
- ଯଦି ବିଳମ୍ବ 30 ଦିନରୁ ଅଧିକ ହେବ, ତେବେ ସେଠାରେ ସୁଧ ମିଆଦୀ ଜମା ଅନୁସାରେ (90 ଦିନ ପର୍ଯ୍ୟନ୍ତ) ପ୍ରଦାନ କରାଯିବ ।
- ଅତ୍ୟଧିକ ବିଳମ୍ବରେ ଯଥା 90 ଦିନରୁ ଅଧିକ ବିଳମ୍ବରେ ସୁଧ ପ୍ରଚଳିତ ମିଆଦୀ ଜମା ହାରଠାରୁ 2% ପ୍ରତିଶତ ଅଧିକ ପ୍ରଦାନ କରଯିବ ।

କେତେକ ମୁଦ୍ରା ପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କରେସପଣ୍ଡେଣ୍ଟ ସଂଗ୍ରହ ବ୍ୟବସ୍ଥା ନାହିଁ । ସେହି ଉପକରଣଗୁଡ଼ିକୁ ସଂଗ୍ରହ ପାଇଁ ସିଧାସଳଖ ଡ୍ରଇ ବ୍ୟାଙ୍କ ପାଖକୁ ପଠାଇ ଦିଆଯିବ । ଏହି କ୍ଷତିପୂରଣ ନୀତି ଏଠାରେ ଲାଗୁ ହେବ ନାହିଁ । କାରଣ ଏଠାରେ ଚେକ୍ ପରିଚାଳନାର କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ ।

6) **ଆଉଟ୍‌ଷ୍ଟେସନ୍ ଚେକ୍'ର ତତ୍କାଳ କ୍ରେଡିଟ୍**

ବ୍ୟାଙ୍କ'ର ପ୍ରଚଳିତ ପଲିସୀ ଅନୁସାରେ, ଗ୍ରାହକଙ୍କ ନିର୍ଦ୍ଦିଷ୍ଟ ଅନୁରୋଧକ୍ରମେ କିମ୍ବା ପୂର୍ବ–ବନ୍ଦୋବସ୍ତ ଅନୁସାରେ ଆଉଟ୍‌ଷ୍ଟେସନ୍ କଲେକ୍‌ଶନ୍ ଲିଖତ ସମାକ୍ଷରେ ତତ୍କାଳ କ୍ରେଡିଟ୍ ଦିଆଯାଇଥାଏ, ଯାହା ଆଇବିଏ ମଡେଲ୍ ଚେକ୍ କଲେକ୍‌ଶନ୍ ପଲିସୀ ଅନୁଯାୟୀ ହୋଇଥାଏ ।

ବିସିଏସ୍‌ବିଆଇ ମତ ଦେଇ ଆଇବିଏ'ର ମଡେଲ୍ ପଲିସୀ ଉପରେ ନିଜ ପତ୍ର, କ୍ର. D.O.BCSBI.NO.1585/03.01.001/2006-07 ଦିନାଙ୍କ 23 ଫେବ୍ରୁଆରୀ 2007 ସୁପାରିଶ କରିଛି ଯେ ସମସ୍ତ ଯୋଗ୍ୟ ଖାତାଧାରକଙ୍କୁ ଏକ ହାର୍ଯ୍ୟ ରାଶି ପର୍ଯ୍ୟନ୍ତ ତତ୍କାଳ କ୍ରେଡିଟ୍ ପର୍ଯ୍ୟନ୍ତ ଦିଆଯିବା ଉଚିତ, ଯାହା ସେଭଳି ଖାତାର ସନ୍ତୋଷଜନକ କାର୍ଯ୍ୟକାରିତା ଉପରେ ନିର୍ଭର କରିବ ।

ବ୍ୟକ୍ତିଗତ ଖାତାଧାରକଙ୍କୁ ଟ.5000/– ପର୍ଯ୍ୟନ୍ତର ଆଉଟ୍‌ଷ୍ଟେସନ୍ ଚେକ୍ ପାଇଁ ତତ୍କାଳ କ୍ରେଡିଟ୍ ଯୋଗାଇ ଦିଆଯିବ, ତଳଲିଖିତ କ୍ରାଇଟରିଆ ଅନୁସାରେ ।

a) ଯୋଗ୍ୟତା କ୍ରାଇଟରିଆ

1.ଚେକ୍ ମୂଲ୍ୟ ଟ.5000/– ରୁ ଅଧିକ ହୋଇନଥିବ ।

2.ଲାଭଗ୍ରାହୀଖାତା ଅତି କମରେ ଏକ ବର୍ଷ ପୁରୁଣା ହୋଇଥିବ ।

3.ଖାତାରେ ଗତ 6 ମାସରେ ଗ୍ରାହକଙ୍କ ଦ୍ୱାରା ଜାରି କରାଯାଇଥିବା ଶୂନ୍ୟ ଚେକ୍ ଫେରସ୍ତ ଆସିଥିବ ।

4.ପ୍ରଡକ୍ଟ ଅଫରିଙ୍ଗ ଅନୁସାରେ ହାରାହାରୀ ତ୍ରୈମାସିକ ବାଲାନ୍‌ସ ଗତ 2 ତ୍ରୈମାସିକ ସକାଶେ ବଜାୟ ରହିଥିବ ।

5.ଓଭର୍‌ଡ୍ରାଫ୍‌ଟ / ଲୋନ୍ ଖାତା ତତ୍କାଳ କ୍ରେଡିଟ୍ ସୁବିଧା ଦିଆଯିବ ନାହିଁ ।

6.ତତ୍କାଳ କ୍ରେଡିଟ୍ ଅନ୍ତର୍ଗତ ଆଗରୁ କିଣାଯାଇଥିବା କୌଣସି ଚେକ୍ କଲେକ୍‌ଶନ୍ ସକାଶେ ବାକି ରହିନଥିବ ବା ଅନ୍‌ପେଡ୍ ଫେରସ୍ତ ଆସିନଥିବ ।

b) କେବଳ ଏଚଡିଏଫସି ଶାଖା ଲୋକେଶନ୍ ଉପରେ ଡ୍ର କରାଯାଇଥିବା ଚେକ୍ ପାଇଁ ଏହି ସୁବିଧା ଦିଆଯିବ ।

ସର୍ବସାମାନ୍ୟ ଚେକ୍ କଲେକ୍‌ଶନ୍ ଚାର୍ଜ ଲାଗୁ ହେବ ।

ତତ୍କାଳ କ୍ରେଡିଟ୍ ଦିଆଯାଇଥିବା ସ୍ଥିତିରେ ଫେରିବା ଚେକ୍ ଓ ଅନ୍‌ପେଡ୍ ଫେରିବା ଚେକ୍ ଉପରେ ସୁଧ ଚାର୍ଜ କରାଯିବ :

a) ଚେକ୍ ଅନ୍‌ପେଡ୍ ଫେରିଥିଲେ, ଚେକ୍ ର ମୂଲ୍ୟ ସାଙ୍ଗେ ସାଙ୍ଗେ ଖାତାକୁ ଡେବିଟ୍ କରାଯିବ ଓ ତତ୍କାଳ କ୍ରେଡିଟ୍ ଦିଆଯାଇଥିବା ଦିନାଙ୍କ ଠାରୁ ସିଏମ୍‌ଏସ୍ ଦ୍ୱାରା ଖାତାକୁ ଡେବିଟ୍ କରାଯିବା ଦିନାଙ୍କ ପର୍ଯ୍ୟନ୍ତ ସେଭିଙ୍ଗ୍‌ସ ବ୍ୟାଙ୍କ ସୁଧ ହାର ଯୁକ୍ତ 2% ଲଗାଯିବ ।

b) ତତ୍କାଳ କ୍ରେଡିଟ୍ ଦିଆଯିବା ଦିନାଙ୍କ ଠାରୁ ଲିଖତ ଫେରିବା ଦିନାଙ୍କ ପର୍ଯ୍ୟନ୍ତ କୌଣସି ସୁଧ ଗ୍ରାହକଙ୍କୁ ଲଗାଯିବ ନାହିଁ, ଯଦି ବ୍ୟାଙ୍କ ଆଉଟ୍ ଅଫ୍ ଫଣ୍ଡ ହୋଇନଥିବ ।

c) ଆଉଟ୍‌ଷ୍ଟେସନ୍ ଚେକ୍ ପାଇଁ ଚେକ୍ ରିଟର୍ନ ଚାର୍ଜ ଲାଗୁ ହେବ ।

7) **ସ୍ଥାନୀୟ / ଆଉଟ୍‌ଷ୍ଟେସନ୍ ଚେକ୍ କ୍ରୟ**

ବ୍ୟାଙ୍କ, ନିଜସ୍ୱ ବିଚାର ଅନୁସାରେ, ଗ୍ରାହକଙ୍କ ନିର୍ଦ୍ଦିଷ୍ଟ ଅନୁରୋଧକ୍ରମେ ବା ଆଗରୁ କରାଯାଇଥିବା ବନ୍ଦୋବସ୍ତ ଅନୁସାରେ କଲେକ୍‌ଶନ୍ ପାଇଁ ଦିଆଯାଇଥିବା ସ୍ଥାନୀୟ / ଆଉଟ୍‌ଷ୍ଟେସନ୍ ଚେକ୍ କିଣିପାରିବ । ଚେକ୍ କିଣିବା ସମୟରେ, ଖାତାର ସନ୍ତୋଷଜନକ କାର୍ଯ୍ୟକାରିତା ଉପରାନ୍ତେ ଚେକ୍ ଡ୍ର କରିଥିବା ଗ୍ରାହକଙ୍କ ସ୍ଥିତି ବିଚାର କରାଯିବ । ଚେକ୍ କିଣିବା ପାଇଁ ଏକ୍‌ସଟାଣ୍ଡ ଡେଲିଗେଶନ୍ ଅଫ୍ ଅଥରିଟୀ ଅନ୍ତର୍ଗତ ଥିବା ଇଣ୍ଟର୍ନାଲ୍ ଗାଇଡ୍‌ଲାଇନ୍‌ସ ସମସ୍ତ ଶାଖା ପାଳନ କରିବେ ।

8) ଟ୍ରାଞ୍ଜିଟ୍ ରେ / କ୍ଲିଅରିଙ୍ଗ ପ୍ରୋସେସ୍ ରେ ବା ପେଇଙ୍ଗ ବ୍ୟାଙ୍କ'ର ଶାଖାରେ ଚେକ୍ / ଲିଖତ ହଜିବା

କଲେକ୍‌ଶନ୍ ପାଇଁ ସ୍ୱୀକାର କରାଯାଇଥିବା ଚେକ୍ ବା ଲିଖତ ଟ୍ରାଞ୍ଜିଟ୍ ରେ / କ୍ଲିଅରିଙ୍ଗ ପ୍ରୋସେସ୍ ରେ ବା ପେଇଙ୍ଗ ବ୍ୟାଙ୍କ'ର ଶାଖାରେ ହଜିଗଲେ :

1) ବ୍ୟାଙ୍କ, ହଜିବା ଖବର ପାଇବା ପରେ ତୁରନ୍ତ ଖାତାଧାରକଙ୍କୁ ସୂଚିତ କରିବ ।

2) ଚେକ୍ ଡ୍ର କରିଥିବା ବ୍ୟକ୍ତିଙ୍କ ଠାରୁ ଡୁପ୍ଲିକେଟ୍ ଲିଖତ ପାଇବା ପାଇଁ ବ୍ୟାଙ୍କ ସମସ୍ତ ସାହାଯ୍ୟ ଗ୍ରାହକଙ୍କୁ ଦେବ, ଏପରିକି ତାହା ହଜିଯାଇଛି ବୋଲି ପ୍ର ମା ଣ ପ ତ୍ର ଯୋଗାଇବ ।

ଟ୍ରାଞ୍ଜିଟ୍ ରେ ହଜିଥିବା ଲିଖତ ସକାଶେ, ବ୍ୟାଙ୍କ ସେହି ଗ୍ରାହକଙ୍କୁ ନିମ୍ନୋକ୍ତ ପ୍ରକାରେ କ୍ଷତିପୂର୍ତ୍ତିଦେବ ।

a) କଲେକ୍‌ଶନ୍ ପାଇଁ ନିର୍ଦ୍ଧାରିତ ସମୟ ସୀମା (7/10/14 ଦିନ ମଧ୍ୟରୁ ଯେଉଁଟି ଲାଗୁ ହୋଉଥିବ) ପରେ ଲିଖିତ ହଜିବାର ଖବର ଗ୍ରାହକଙ୍କୁ ଦିଆଯାଇଥିଲେ, ଉପରେ ବତାଯାଇଥିବା ନିର୍ଦ୍ଧାରିତ ହାରରେ ଧାର୍ଯ୍ୟ କଲେକ୍‌ଶନ୍ ଅବଧି ରୁ ଅଧିକ ଅବଧି ପାଇଁ ସୁଧ ଦେୟ ହେବ ।

b) ଉପରନ୍ତୁ, ଚେକ୍ ରାଶି ପାଇଁ ବ୍ୟାଙ୍କ ଆହୁରି 15 ଦିନର ସେଭିଙ୍ଗ୍ସ ବ୍ୟାଙ୍କ ରେଟ୍‌ରେ ସୁଧ ଦେବ, ଯାହା ଡୁପ୍ଲିକେଟ୍ ଚେକ୍/ଲିଖିତ ପାଇବାରେ ଓ ତା'ର କଲେକ୍‌ଶନ୍ ସକାଶେ ହେବା ବିଳମ୍ବ କୁ ପୂର୍ତ୍ତିକରିବ ।

c) ଗ୍ରାହକଙ୍କୁ ବ୍ୟାଙ୍କ ସମୂଚିତ କ୍ଷତିପୂର୍ତ୍ତି(ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ) ଦେଇପାରେ, ଯାହା ହୁଏତ ରସିଦ ଉପସ୍ଥାପନ କଲାପରେ ଡୁପ୍ଲିକେଟ୍ ଚେକ୍/ଲିଖିତ ଜାରି କରିବା ପାଇଁ କୌଣସି ବ୍ୟାଙ୍କ/ସଂସ୍ଥା ଗ୍ରାହକଙ୍କୁ ଚାର୍ଜ କରିପାରେ ।

9) **ଲିଖିତ ଡିସ୍‌ଅନର୍ ହେବା**

କଲେକ୍‌ଶନ ପାଇଁ ଗ୍ରହଣ କରାଯାଇଥିବା ଚେକ୍ ଅନ୍‌ପେଡ୍ ଫେରିଲେ, ବ୍ୟାଙ୍କ ସାଙ୍ଗେସାଙ୍ଗେ ଚେକ୍'ର ମୂଲ୍ୟ ଗ୍ରାହକଙ୍କ ଖାତାକୁ ଡେବିଟ୍ କରିବ । ଗ୍ରାହକଙ୍କ ସହ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ଅନୁଯାୟୀ, ବ୍ୟାଙ୍କ ଯେତେଦିନ ପାଇଁ ଗ୍ରାହକଙ୍କୁ ଦେଇଥିବା ଚେକ୍ ରାଶି ସକାଶେ ସୁଧ ଓ/ବା ପ୍ରତି ଲିଖିତ ପାଇଁ ଲାଗୁ ଦରରେ ରିଟର୍ନ ଚାର୍ଜ ଆଦାୟ କରିବ ।

ଗ୍ରାହକଙ୍କ ସହିତ ଥିବା ବ୍ୟବସ୍ଥା ଅନୁଯାୟୀ ବ୍ୟାଙ୍କ ରିଟର୍ନ ମେମୋ ଓ ଟ୍ରାଞ୍ଜାକ୍‌ଶନ୍ ଲେବଲ୍ ବିବରଣୀ ଥିବା ରିଟର୍ନ ଷ୍ଟେଟ୍‌ମେଣ୍ଟ ସହିତ ଫେରିଥିବା ଚେକ୍ ତାଙ୍କ ହାତରେ ଦେବ ବା ପଠାଇବ, ଡେବିଟ୍ କରାଯିବା ଦିନାଙ୍କ ଠାରୁ ଦୁଇ କାର୍ଯ୍ୟ ଦିବସ ମଧ୍ୟରେ ।

10) **ଫୋର୍ସ ମେଜର୍**

ନିର୍ଦ୍ଧାରିତ ସର୍ଭିସ୍ ଡେଲିଭରୀ ପାରାମିଟର୍ ଅନ୍ତର୍ଗତ କାର୍ଯ୍ୟକାରିତା ପୂରଣ କରିବାରେ ବ୍ୟାଙ୍କ କର୍ତ୍ତୃତ୍ୱ ବହିର୍ଭୁତ ଅଦୃଷ୍ଟ ଘଟଣା (ଯେପରିକି ସିଭିଲ୍ କମୋଶନ୍, ସାବୋଟେଜ୍, ଲକ୍‌ଆଉଟ୍, ଧର୍ମଘଟ ବା ଅନ୍ୟ ଲେବର୍ ଡିଷ୍ଟର୍ବାନ୍ସ, ଦୁର୍ଘଟଣା, ନିଆଁ ଲାଗିବା, ପ୍ରାକୃତିକ ବିପର୍ଯ୍ୟୟ ବ ଅନ୍ୟ କିଛି ''ଦୈବୀ ଦୁର୍ବିପାକ'' ଯୁଦ୍ଧ, ବ୍ୟାଙ୍କ ବା ଏହାର କରେସପୋଣ୍ଡେଣ୍ଟ ବ୍ୟାଙ୍କ(ଗୁଡ଼ିକ)ର ବ୍ୟବସ୍ଥା ଓ ସୁବିଧା କ୍ଷତିଗ୍ରସ୍ତ ହେବା, କମ୍ୟୁନିକେଶନ୍ ବା ଯାବତୀୟ ଟ୍ରନ୍ସପୋର୍ଟେଶନ୍ ର ଅଭାବ, ଇତ୍ୟାଦି) ଘଟିବା ସ୍ଥିତିରେ କ୍ରେଡିଟ୍ ଦେବାରେ ବିଳମ୍ବ ହେବା ଯୋଗୁଁ ଗ୍ରାହକଙ୍କୁ କୌଣସି କ୍ଷତିପୂର୍ତ୍ତିଦେବାଲାଗି ବ୍ୟାଙ୍କ ଦାୟୀ ହେବ ନାହିଁ ।

## ସେବାଦେୟ

ସମସ୍ତ ନୂଆ ଆକାଉଣ୍ଟ ଖୋଲିବା ସମୟରେ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଯେକୌଣସି ସେବା ଉପଲବ୍ଧତା ପାଇଁ ବିଭିନ୍ନ ପ୍ରକାର ସେବା ଓ ଲାଗୁ ହେଉଥିବା ଦେୟର ସବିଶେଷ ଏକ ଲିଫ୍‌ଲେଟ୍‌ରେ ରହିଥାଏ । ଅପ୍‌ଡେଟେଡ୍ ସର୍ଭିସ୍ ଓ ଫିସ୍ ଲିଫ୍‌ଲେଟ୍ ମଧ୍ୟ ସମସ୍ତ ଗ୍ରାହକଙ୍କ ପାଇଁ ଯେକୌଣସି ସମୟରେ ବ୍ୟାଙ୍କର ଶାଖାଗୁଡ଼ିକରେ ଦେଖିବା ପାଇଁ ଉପଲବ୍ଧ ହୋଇଥାଏ । ସର୍ଭିସ୍ ଓ ଫିସ୍‌ରେ କୌଣସି ପରିବର୍ତ୍ତନ କରାଗଲେ ସେହି ପରିବର୍ତ୍ତନ ସମ୍ବନ୍ଧରେ ଗ୍ରାହକମାନଙ୍କୁ ଗୋଟିଏ ମାସ ଆଗରୁ ଜଣାଇଦିଆଯାଏ ।

## ମଇଳା /ଚିରା, ଫଟା ନୋଟ୍‌ଗୁଡ଼ିକର ବଦଳ

ବ୍ୟାଙ୍କ ବଦଳ ପାଇଁ ଗ୍ରାହକ /ଅଣଗ୍ରାହକମାନଙ୍କଠାରୁ ମଇଳା /ଚିରା–ଫଟା ନୋଟ୍ ଗ୍ରହଣ କରିଥାଏ । ଏ ପ୍ରକାର ନୋଟ୍‌ଗୁଡ଼ିକର ଗ୍ରହଣ ପ୍ରକ୍ରିୟା ଆରବିଆଇର ନୋଟ୍ ରିଫଣ୍ଡ ରୁଲ୍ ଅନୁଯାୟୀ ତଥା ଏହାର ପାଳନ ପାଇଁ ବ୍ୟାଙ୍କର ସମସ୍ତ ଶାଖାଗୁଡ଼ିକୁ ଜାରି କରାଯାଇଥିବା ନିର୍ଦ୍ଧାରିତ ନିୟମ ଅନୁଯାଇ କରାଯାଇଥାଏ ।ବ୍ୟାଙ୍କର ସମସ୍ତ ଶାଖାଗୁଡ଼ିକରେ ଏହି ମଇଳା ନୋଟ୍, ଚିରା–ଫଟା ନୋଟ୍ ଏବଂ କଟା ନୋଟ୍‌ଗୁଡ଼ିକର ବଦଳ କରିବା ପାଇଁ ସୁବିଧା ରହିଥାଏ । ମୁଦ୍ରା ବିନିମୟ ସହିତ ଅନ୍‌କରେଣ୍ଟ କଏନ୍‌ସକୁ ନୋଟ୍ କିମ୍ବା କଏନ୍ ଆକାରରେ ବଦଳ କରାଯାଇଥାଏ । ଏହି ବଦଳ କରିବାର ପ୍ରକ୍ରିୟା ଆରବିଆଇର ନୋଟ୍ ରିଫଣ୍ଡ ରୁଲ୍ ଅନୁଯାୟୀ କରାଯାଏ ।

## ଏଟିଏମ୍ କାର୍ଡ଼/ଡେବିଟ୍ କାର୍ଡ଼ ହଟ୍ ଲିଷ୍ଟିଂ

ବ୍ୟାଙ୍କ ତାର ଗ୍ରାହକମାନଙ୍କଠାରୁ ଦିନକୁ ରହିଥିବା 24 ଘଣ୍ଟିଆ ଫୋନ୍ ବ୍ୟାଙ୍କିଂ ଚ୍ୟାନେଲ୍ ଜରିଆରେ ଏବଂ ଗ୍ରାହକଙ୍କ ପାଇଁ ରହିଥିବା କାର୍ଯ୍ୟକାରୀ ସମୟ ମଧ୍ୟରେ ଶାଖା ଚାନେଲ୍ ମାଧ୍ୟମରେ ଏଟିଏମ୍ କାର୍ଡ଼/ଡେବିଟ୍ କାର୍ଡ଼ ହଟ୍ ଲିଷ୍ଟିଂ ଇନ୍‌ଷ୍ଟ୍ରକ୍‌ଶନ ଗ୍ରହଣ କରିବ । ଗ୍ରାହକଙ୍କୁ ଯେତେବେଳେ ଏକ କାର୍ଡ଼ ପ୍ରଦାନ କରାଯିବ ସେତେବେଳେ ଫୋନ୍ ବ୍ୟାଙ୍କିଂ ନମ୍ବର ଉପଲବ୍ଧ ହୋଇପାରିବ ଏବଂ ସମସ୍ତ ଶାଖାଗୁଡ଼ିକରେ ଏହି ନମ୍ବରର ଏକ ସବିଶେଷ ଥିବା ଲିଫ୍‌ଲେଟ୍ ରହିବ ।

## ପେନ୍‌ସନ୍ ଆକାଉଣ୍ଟ

କେତୋଟି ନିର୍ଦ୍ଧାରିତ ସୁବିଧା ସହିତ ପେନ୍‌ସନ୍‌ଧାରୀମାନଙ୍କ ପାଇଁ ବ୍ୟାଙ୍କ ସ୍ୱତନ୍ତ୍ର ଉତ୍ପାଦ ପ୍ରଦାନ କରିଥାଏ । ସମସ୍ତ ଶାଖାଗୁଡ଼ିକରେ ଉପଲବ୍ଧ ଥିବା ଏହି ସେବା ଉତ୍ପାଦଗୁଡ଼ିକ ଉପରେ ସବିଶେଷ ସୂଚନା ଉପଲବ୍ଧ ଥାଏ ।

## ବେସିକ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ

ସମସ୍ତ ମୌଳିକ ବ୍ୟାଙ୍କିଂ ସୁବିଧା ସହିତ ଶୂନ ପ୍ରାରମ୍ଭିକ ପଇଠରେ – ଶୂନ ବାଲାନ୍‌ସ ଆକାଉଣ୍ଟ ସହିତ ଏକ  ବେସିକ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ ଖୋଲିବା ପାଇଁ ବ୍ୟାଙ୍କ ଅଫର କରିଥାଏ । ସମସ୍ତ ଶାଖାଗୁଡ଼ିକରେ ଉପଲବ୍ଧ ଥିବା ଏହି ସେବା ଉତ୍ପାଦଗୁଡ଼ିକ ଉପରେ ସବିଶେଷ ସୂଚନା ଉପଲବ୍ଧ ଥାଏ ।

## ବୈଦେଶିକ ବିନିମୟ ସେବା

ବ୍ୟାଙ୍କ ଏହାର ନିର୍ବାଚିତ ଶାଖାଗୁଡ଼ିକ ମାଧ୍ୟମରେ ତାର ସମସ୍ତ ଗ୍ରାହକମାନଙ୍କ ପାଇଁ ଏକ ବିସ୍ତୃତ ବୈଦେଶିକ ବିନିମୟ ଉତ୍ପାଦ ଓ ସେବା ପ୍ରଦାନ କରିଥାଏ ।

ବୈଦେଶିକ ବିନିମୟ ପରିଚାଳନା ଆଇନ୍ 1999 (ଏଫ୍‌ଇଏମ୍‌ଏ) ଅଧିନରେ ସମସ୍ତ ବୈଦେଶିକ ବିନିମୟ ସଂଚାଳନଗୁଡ଼ିକ ରୁଲ୍‌ସ ଓ ରେଗୁଲେଶନ ଅନୁଯାୟୀ ପରିଚାଳିତ ହୋଇଥାଏ ।

## ବିଭିନ୍ନ ବ୍ୟାଙ୍କିଂ ସଂଚାଳନ ପାଇଁ ସମୟ ନିୟମ

ସମସ୍ତ ବ୍ୟାଙ୍କଗୁଡ଼ିକରେ ସବୁ ପ୍ରକାର ସଂଚାଳନ ପାଇଁ ସଂଚାଳନ ପ୍ରକ୍ରିୟା ସମୟ ଉପଲବ୍ଧ ଥାଏ ।

ନିମ୍ନରେ ଦିଆଯାଇଥିବା ସମୟ ନିୟମଗୁଡ଼ିକ ହେଉଛି ସୂଚନାତ୍ମକ ଏବଂ ଏହା ପ୍ରତ୍ୟେକ ଶାଖା /ଅଞ୍ଚଳ ଏବଂ ପିକ୍ ଓ ନନ୍ ପିକ୍ ପିରିୟଡ୍ ଉପରେ ନିର୍ଭର କରି ପରିବର୍ତ୍ତନଶୀଳ ।

| ସଂଖ୍ୟା | ସଂଚାଳନ ନାମ | ନେଉଥିବା ସମୟ |
|---|---|---|
| 1 | ଟେଲର କାଉଣ୍ଟରରେ ଅର୍ଥ ଜମା | 3 ରୁ 5 ମିନିଟ୍ |
| 2 | ଟେଲର କାଉଣ୍ଟରରେ ଅର୍ଥ ଉଠାଣ | 3 ରୁ 5 ମିନିଟ୍ |
| 3 | ଡିମାଣ୍ଡ ଡ୍ରାଫ୍‌ଟ / ମ୍ୟାନେଜର୍‌ସ ଚେକ୍‌ର ଜାରୀ | 7 ରୁ 10 ମିନିଟ୍ |
| 4 | ଡିମାଣ୍ଡ ଡ୍ରାଫ୍‌ଟ / ମ୍ୟାନେଜର୍‌ସ ଚେକ୍‌ର ପଇଠ | 7 ରୁ 10 ମିନିଟ୍ |
| 5 | ଫିକ୍‌ସଡ୍ ଡିପୋଜିଟ୍‌ର ବିମୋଚନ | 5 ମିନିଟ୍ |
| 6 | ଏଙ୍କ ନୂଆ ଆକାଉଣ୍ଟ ଖୋଲିବା | 10 ରୁ 15 ମିନିଟ୍ |
| 7 | ଚେକ୍ ସଂଗ୍ରହଣ | |
| A) | ଲୋକାଲ୍ | ସଂପୃକ୍ତ କ୍ଲିୟରିଂ ହାଉସ୍ ନିୟମ ଅନୁଯାୟୀ |
| B) | ଶାଖା ଅଞ୍ଚଳରେ ଆଉଟ୍‌ଷ୍ଟେସନ ଉଠାଣ | 7 ରୁ 14 ଦିନ ଅଞ୍ଚଳ ଉପରେ ନିର୍ଭର କରି |
| C) | ଅଣଶାଖା ଅଞ୍ଚଳ ଯେଉଁଠାରେ ଆମେ ପ୍ରତିନିଧିମୂଳକ ବ୍ୟାଙ୍କ ସହବନ୍ଧନରେ ରହିଛୁ ସେହି ସ୍ଥାନର ଆଉଟ୍‌ଷ୍ଟେସନ ଉଠାଣ | ସର୍ବାଧିକ 14ଟି କାର୍ଯ୍ୟକାରୀ ଦିବସ |
| D) | ଅଣଶାଖା ଅଞ୍ଚଳ ଯେଉଁଠାରେ ଆମର ପ୍ରତିନିଧିମୂଳକ ବ୍ୟାଙ୍କ ସହବନ୍ଧନ ନାହିଁ ସେହି ସ୍ଥାନର ଆଉଟ୍‌ଷ୍ଟେସନ ଉଠାଣ | ସର୍ବାଧିକ 14ଟି କାର୍ଯ୍ୟକାରୀ ଦିବସ |
| E) | ବିଦେଶ | ମୂଲ୍ୟ ତାରିଖ ଠାରୁ 2 ରୁ 16 ଆନ୍ତର୍ଜାତୀୟ କାର୍ଯ୍ୟଦିବସ |

* ମୂଲ୍ୟ ତାରିଖ ହେଉଛି ବ୍ୟାଙ୍କର ନୋସ୍ତ୍ରୋ ଆକାଉଣ୍ଟକୁ କ୍ରେଡିଟ୍ ହେବାର ତାରିଖ ।